IFAD
Investing in rural people

OPELIP

# ଓପିଲିପିରେ ଆଦିମ ଜନଜାତିଙ୍କ ସଶକ୍ତିକରଣର କାହାଣୀ













## ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ




OPELIP

## ସମ୍ପାଦକୀୟ

**ଶ୍ରୀ ପି. ଅର୍ଥନାରୀ, ଭା.ବ.ସେ**

**ଯୁଗ୍ମ ଶାସନ ସଚିବ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ**

ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର

## ବିଷୟ ପ୍ରସ୍ତୁତକର୍ତ୍ତା ଓ ସମ୍ପାଦନା (ଆଇ. ଜି. ଏସ. ଓ ଓପିଲିପି )

**ଶ୍ରୀ ଭାସ୍କର ଚନ୍ଦ୍ର ସାହୁ,** ବିଶେଷଜ୍ଞ (ଜ୍ଞାନ ପରିଚାଳନା )
**ଶ୍ରୀ ଭଗବାନ ପରିଡା,** ବିଶେଷଜ୍ଞ (ଜ୍ଞାନ ପରିଚାଳନା )
**ଶ୍ରୀ ବିରେନ୍ଦ୍ର ପ୍ରଧାନ,** ବିଶେଷଜ୍ଞ (ରୋଜଗାର ଭିତ୍ତିକ)
**ଶ୍ରୀ ବିଜୟ କୁମାର ନାୟକ,** ବିଶେଷଜ୍ଞ (ବ୍ୟବସାୟ ଭିତ୍ତିକ)

## ବିଷୟ ବସ୍ତୁ ଓ ମାର୍ଗଦର୍ଶନ

**ଶ୍ରୀ ମନୋରଞ୍ଜନ ନାୟକ,** କାର୍ଯ୍ୟକ୍ରମ ଉପ-ନିର୍ଦ୍ଦେଶକ
**ଶ୍ରୀ ଦୀପ୍ତି ରଞ୍ଜନ ଗଡ଼ାୟତ,** କାର୍ଯ୍ୟକ୍ରମ ଅଧିକାରୀ (ଦକ୍ଷତା ବିକାଶ, ଲିଙ୍ଗ ଓ ପୋଷଣ)
**ଶ୍ରୀ ରଶ୍ମୀ ରଞ୍ଜନ ବାରିକ,** କାର୍ଯ୍ୟକ୍ରମ ଅଧିକାରୀ ( ପ୍ରାକୃତିକ ସମ୍ପଦ ପରିଚାଳନା ଓ ଜୀବିକା ବୃଦ୍ଧି)
**ଶ୍ରୀ ଗୌତମ କୁମାର ମହାନ୍ତି,** କାର୍ଯ୍ୟକ୍ରମ ଅଧିକାରୀ (ଗୋଷ୍ଠୀ ଅନୁଷ୍ଠାନ ଓ ଗ୍ରାମାଞ୍ଚଳ ଆର୍ଥିକ ପରିଚାଳନା)
**ଶ୍ରୀ ସୁଧାକର ସାହୁ,** କାର୍ଯ୍ୟକ୍ରମ ଅଧିକାରୀ (ଜୀବିକା ଓ ବାଣିଜ୍ୟ )
**ଶ୍ରୀ କାମାକ୍ଷୀ ପ୍ରସାଦ ପାଢୀ,** ବରିଷ୍ଠ ଯନ୍ତ୍ରୀ ( ସଂପ୍ରଦାୟ ଭିତ୍ତିଭୂମି ଓ ଶ୍ରମ ଲାଘବ)
**ଶ୍ରୀ ତୋଫାନ କୁମାର ଜେନା,** ପ୍ରବନ୍ଧକ (ସୂଚନା ପରିଚାଳନା, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ )
**ଶ୍ରୀ ଏମ. ସୁବ୍ରତ ଆଚାରୀ,** ପ୍ରବନ୍ଧକ (ଭୌଗୋଳିକ ସୂଚନା)
**ଶ୍ରୀ ପଞ୍ଚାନନ ବାରିକ,** ପ୍ରବନ୍ଧକ (ଅର୍ଥ)
**ଶ୍ରୀମତୀ ମୋନାଲିସା ମହାନ୍ତି,** କାର୍ଯ୍ୟକ୍ରମ ଅଧିକାରୀ ( ପ୍ରାଣୀ ଚିକିତ୍ସା)
**ଶ୍ରୀ କମଳା କାନ୍ତ ସ୍ୱାଇଁ,** ପ୍ରବନ୍ଧକ (କ୍ରୟ ଅଧିକାରୀ)

# ଓପିଲିପିରେ ଆଦିମ ଜନଜାତିଙ୍କ ସଶକ୍ତିକରଣର କାହାଣୀ



## ଶ୍ରୀ ପି. ଅର୍ଥନାରୀ, ଭା.ବ.ସେ

**ଯୁଗ୍ମ ଶାସନ ସଚିବ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ**
, ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ,
ଓଡିଶା ସରକାର

# ବାର୍ତ୍ତା

ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ପରିଚାଳନା ୟୁନିଟ ତରଫରୁ ୨୦୧୬ ମସିହାରୁ କାର୍ଯ୍ୟକ୍ରମ ହୋଇଆସୁଥିବା ବିଭିନ ଉପାଦାନ ଓ ଏହାର ଆଦିମ ଜନଜାତି ଉପରେ ପଡୁଥିବା ପ୍ରଭାବର ବାସ୍ତବ କ୍ଷେତ୍ର ଅଭିଜ୍ଞତା ସଙ୍କଳିତ " **ଓପିଲିପିରେ ଆଦିମ ଜନଜାତିଙ୍କ ସଶକ୍ତିକରଣର କାହାଣୀ**" କ୍ଷୁଦ୍ର ବିବରଣୀ ପ୍ରକାଶିତ ହେଉଥିବା ଜାଣି ଅତ୍ୟନ୍ତ ଖୁସି ।

ବିଗତ କିଛି ବର୍ଷ ହେଲା, ଅଣୁ ପ୍ରକଳ୍ପ ସଂସ୍ଥା ଓ ବେସରକାରୀ ସଂଗଠନ ଦ୍ୱାରା ଗ୍ରାମ୍ୟ ଉନ୍ନୟନ ବିକାଶ କମିଟି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୟାସ କରି ଆସୁଅଛି। ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ, ଭିତ୍ତିଭୂମି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, କୃଷି, ସ୍ୱାସ୍ଥ୍ୟ ଓ ପୋଷଣ ବିକାଶ କାର୍ଯ୍ୟକ୍ରମ ସର୍ଜନା ଜରିଆରେ ଜୀବିକା ଅର୍ଜନ ସୁଯୋଗ ଓ ସେମାନଙ୍କର ସଶକ୍ତିକରଣ କରିପାରିଛି ।

ପ୍ରଚ୍ଛଦ ପଟରେ ଥିବା କାର୍ଯ୍ୟକ୍ରମ ରୂପାୟନ କମିଟି, ଅଣୁ ପ୍ରକଳ୍ପ ସଂସ୍ଥାର ସାମୁହିକ ଗୋଷ୍ଠୀ ଭିତିକ ସଂଗଠନ, ଅଣ ସରକାରୀ ସଂଗଠନ ଓ କାର୍ଯ୍ୟକ୍ରମ ପରିଚାଳନା ୟୁନିଟକୁ ସେମାନଙ୍କର ଆନ୍ତରିକ ପ୍ରଚେଷ୍ଟା ପାଇଁ ସାଧୁବାଦ ଜଣାଉଛି ଓ ଆହ୍ୱାନର ମୁକାବିଲା କରି ତୃଣମୂଳ ସ୍ତରରେ ସକରାତ୍ମକ ପରିବର୍ତ୍ତନ ଆଣି ପାରିଥିବାରୁ ଶୁଭେଚ୍ଛା ଜଣାଉଛି ।

ରୂପାୟିତ କାର୍ଯ୍ୟକଳାପର କ୍ଷେତ୍ର ଅଭିଜ୍ଞତାକୁ ନେଇ ସଂକଳିତ ସଫଳ ଗାଥାର ଏହି କ୍ଷୁଦ୍ର ବିବରଣୀ । ଅଣୁ ପ୍ରକଳ୍ପ ଅଞ୍ଚଳରେ ଅନେକ ଏହି ପ୍ରକାର ସଫଳ କାହାଣୀ ଅଛି। ସାଂପ୍ରତିକ ବିକାଶୋନ୍ମୁଖୀ ଆହ୍ୱାନର ମୁକାବିଲା ପାଇଁ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତି କରଣ କାର୍ଯ୍ୟକ୍ରମର ଗୋଷ୍ଠୀ ଉଦ୍ଦେଶ୍ୟ ହାସଲ ଓ ଆଦିମ ଜନଜାତିଙ୍କର ବିକାଶ ପାଇଁ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରିଥିବାରୁ କୃତଜ୍ଞତା ଜଣାଉଅଛି।

(ଶ୍ରୀ ପି. ଅର୍ଥନାରୀ, ଭା.ବ.ସେ)




## ଶ୍ରୀ ଦୀପ୍ତି ରଞ୍ଜନ ଗନ୍ତାୟତ

**କାର୍ଯ୍ୟ କ୍ରମ ଅଧିକାରୀ (ଦକ୍ଷତା ବିକାଶ, ଲିଙ୍ଗ ଓ ପୋଷଣ)**
, ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ,
ଓଡିଶା ସରକାର


# ସନ୍ଦେଶ

ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ "**ଓପିଲିପିରେ ଆଦିମ ଜନଜାତିଙ୍କ ସଶକ୍ତିକରଣର କାହାଣୀ**" ଆଧାରିତ କ୍ଷୁଦ୍ର ବିବରଣୀ ର ପ୍ରଥମ ସଂସ୍କରଣ ପ୍ରକାଶନ ଅବସରରେ ମୁ ଅତ୍ୟନ୍ତ ଖୁସି । ବାସ୍ତବରେ ଆଦିମ ଜନଜାତିଙ୍କ ଜୀବନ ଓ ଜୀବିକାରେ ଏକ ସକାରାତ୍ମକ ପରିବର୍ତ୍ତନ ପ୍ରତିଫଳିତ ହୋଇଛି ।

ଏହି ପ୍ରକାଶନରେ ସଫଳ କାହାଣୀ ସ୍ଥାନିତ ହେବା ସହ ସକାରାତ୍ମକ ପ୍ରଭାବ ଓ ଜୀବିକା ପ୍ରୋତ୍ସାହନରେ ଦୃଶ୍ୟମାନ ଧାରା ଦେଖିବାକୁ ମିଳୁଛି। ଆଦିମ ଜନଜାତିଙ୍କ ପାଇଁ କେବଳ ଓଡିଶାରେ ନୁହେଁ ମାତ୍ର ସାରା ଭାରତ ବର୍ଷରେ ଏହା ଏକ ବିକାଶର ନମୁନା ହୋଇପାରିବ।

ଅନେକ କାର୍ଯ୍ୟସାଧିତ ହୋଇଥିଲେ ମଧ ଆହୁରି ଅନେକ ବାକି ଅଛି । ସାଂପ୍ରତିକ ବିକାଶର ଆହ୍ୱାନକୁ ଗ୍ରହଣ କରି ମୁକାବିଲା ପାଇଁ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଚେଷ୍ଟା ନିମନ୍ତେ ନିବେଦନ କରିବା ସହ ଆଦିମ ଜନଜାତିଙ୍କ ଜୀବନ ଓ ଜୀବିକାର ସଫଳ ରୂପାନ୍ତରଣ ସକାଶେ ଏହି କାର୍ଯ୍ୟକ୍ରମ ଏକ ମାଇଲ ଖୁଣ୍ଟ ହେବ – ଏହା ମୋର ବିଶ୍ୱାସ ।

(ଶ୍ରୀ ଦୀପ୍ତି ରଞ୍ଜନ ଗନ୍ତାୟତ)



## ଶ୍ରୀ ଗୌତମ କୁମାର ମହାନ୍ତି

**କାର୍ଯ୍ୟକ୍ରମ ଅଧିକାରୀ (ସାମୁହିକ ଅନୁଷ୍ଠାନ ଓ ଗ୍ରାମାଞ୍ଚଳ ଆର୍ଥିକ ସେବା)**
, ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ,
ଓଡିଶା ସରକାର

# କଲମରୁ ପଦେ...

ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମର **"ଓପିଲିପିରେ ଆଦିମ ଜନଜାତିଙ୍କ ସଶକ୍ତିକରଣର କାହାଣୀ"** କ୍ଷୁଦ୍ର ବିବରଣୀ ପ୍ରକାଶନରେ ମୁଁ ଅତ୍ୟନ୍ତ ଆନନ୍ଦିତ । ସମସ୍ତ ଅଣୁ ପ୍ରକଳ୍ପ ଅଞ୍ଚଳର ଉତ୍ତମ କୌଶଳ ଓ ସଫଳ କାହାଣୀକୁ ଏଥିରେ ସଂକଳିତ କରାଯାଇଛି ।

ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମର ସମସ୍ତ କର୍ମକର୍ତ୍ତାଙ୍କୁ ଏଥିପାଇଁ କୃତଜ୍ଞତା ଜଣାଉଅଛି । ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆମ ଉପରେ ଅତୁଟ ଭରସା ରଖିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରୁଅଛି ।

ସ୍ବୟଂ ସହାୟକ ଗୋଷ୍ଠୀର ପରିବାର ଯଥା ବିଧବା, ମାତୃ କୈନ୍ଦ୍ରିକ ପରିବାର, ଶାରୀରିକ ବିକଳାଙ୍ଗ, ଦାଦନ ଓ ଆଦିମ ଜନଜାତିଙ୍କ ସଫଳ କାର୍ଯ୍ୟକ୍ରମ ଏହି କ୍ଷୁଦ୍ର ବିବରଣୀ ରେ ସ୍ଥାନିତ ହୋଇଅଛି । ଏଥିରେ ସେମାନଙ୍କର ଜୀବିକା ପରିବର୍ତ୍ତନ ସହ ଆୟ ବୃଦ୍ଧି ପ୍ରତିଫଳିତ ହୋଇଅଛି । ଏହାଛଡା, ଶ୍ରମ ହ୍ରାସ, ଜୀବିକା ବୃଦ୍ଧି ଓ ସମାଜର ମୁଖ୍ୟ ସ୍ରୋତ ଯଥା – ପାନୀୟ ଜଳ, ପ୍ରକ୍ରିୟାକରଣ କେନ୍ଦ୍ର, ଘାଟି ରାସ୍ତା କାମ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ପାଳନ, ଆଦିମ ଜନଜାତି ସଶକ୍ତିକରଣ ପାଣ୍ଠି ବିନିଯୋଗ ଇତ୍ୟାଦିର ସଫଳ ଜୀବିକା ମଧ୍ୟ ଏଥିରେ ସନ୍ନିବେଶିତ ହୋଇଅଛି । ଏହା କାର୍ଯ୍ୟକ୍ରମର କାର୍ଯ୍ୟକଳାପ ଓ ସଫଳ ମଧ୍ୟକ୍ଷେପ ଉପରେ ସଂକ୍ଷିପ୍ତ ସଂଦେଶ ଦିଏ ।

ଉତ୍ତମ କୌଶଳ ଓ ଅନୁଭୂତି, ବ୍ୟକ୍ତିଗତ ଶିକ୍ଷା ପାଇବା ସହ ଅନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରିବା ଯଦ୍ବାରା ଅନ୍ୟମାନେ ଶିକ୍ଷା ପାଇବେ ଓ ପ୍ରଚାର ପ୍ରସାର କରିବେ, ଏହାହିଁ ଉଦ୍ଦେଶ୍ୟ । ଏହାର ସଫଳତା ଓ ଗ୍ରହଣୀୟତା କାମନା କରୁଛି ।

(ଗୌତମ କୁମାର ମହାନ୍ତି)

# ସୂଚୀପତ୍ର


| କ୍ରମ | ସଫଳ କାହାଣୀ ର ଶୀର୍ଷକ | ପୃଷ୍ଠା |
|---|---|---|
| ୧ | ଚକୋଟିଆ ଭୁଞ୍ଜିଆଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି -ଷ୍ଟ୍ର ବେରି ଚାଷ | ୧ |
| ୨ | ଦିଗ ପରିବର୍ତ୍ତିତ ଜଳସେଚନ : ଚାଷ ପାଇଁ ଆଶାର କିରଣ | ୪ |
| ୩ | ଆୟ ସୃଷ୍ଟି କାରୀ କାର୍ଯ୍ୟ କଳାପର ଏକ ସଫଳ କାହାଣୀ – ବଢେଇ କାମ | ୬ |
| ୪ | ବେବି ଦଳେଇଙ୍କର ଜୀବିକା ନିର୍ବାହର ମାର୍ଗ-ପରିବା ଚାଷ | ୮ |
| ୫ | ଆୟ ସୃଷ୍ଟିକାରୀ କାର୍ଯ୍ୟ କଳାପର ଏକ ସଫଳ ଉଦ୍ୟୋଗ - ଅଟା କଳ ସ୍ଥାପନ | ୧୦ |
| ୬ | ଆଦିମ ଜନଜାତିଙ୍କର ଏକ ଭରସା- ମୋଟର ସାଇକଲ ରୋଗୀସେବା ଯାନ | ୧୨ |
| ୭ | ଜୀବିକା ବୃଦ୍ଧି ପାଇଁ ଏକ ବରଦାନ- ଚଟପଟି ଖାଦ୍ୟ ଦୋକାନ | ୧୪ |
| ୮ | ଏକ ସ୍ୱାବଲମ୍ବୀ ଚାଷୀ- ବିପିନୀ ମାଝୀ | ୧୬ |
| ୯ | ଆଦିମ ଜନଜାତିଙ୍କ ବିକାଶର ମାଧମ - ସ୍ୱୟଂ ସହାୟକ ଗୋଷ୍ଠୀ | ୧୭ |
| ୧୦ | ମେରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ନୂତନ ପ୍ରୟାସ-ଅଣ୍ଡା ଦିଆ କୁକୁଡା ପାଳନ | ୧୯ |
| ୧୧ | ଆଦିମ ଜନଜାତିଙ୍କ ପାଇଁ ଏକ ନୂତନ ଉଦ୍ୟୋଗ - କାଗଜ ଖଲି ତିଆରି | ୨୦ |

# ସୂଚୀପତ୍ର


| କ୍ରମ | ସଫଳ କାହାଣୀ ର ଶୀର୍ଷକ | ପୃଷ୍ଠା |
|---|---|---|
| ୧୨ | ଛେଳି ପାଳନ ଦ୍ଵାରା ଜୀବିକା ବିକାଶ - ଯମୁନା ଶବରର ଗାଥା | ୨୧ |
| ୧୩ | ଏକ କୁଟିଆ କନ୍ଧ ମହିଳାର ସଫଳ ଯାତ୍ରା- ପୋଡୁ ଚାଷରୁ ଦିଲ୍ଲୀ | ୨୩ |
| ୧୪ | ସଉରା ଆଦିମ ଜନଜାତିର ଜୀବିକା - ମକା ଚାଷ | ୨୫ |
| ୧୫ | ଜୀବିକା ନିମନ୍ତେ ଏକ ସଫଳ ଉପାୟ- ସିଲେଇ ଓ ଦରଜି କାମ | ୨୭ |
| ୧୬ | ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ପନ୍ଥା - ତେଜରାତି ଦୋକାନ | ୨୮ |
| ୧୭ | ଆଦିମ ଜନଜାତି ଅଞ୍ଚଳରେ ସହଜ କରେ ଗମନାଗମନ-ଘାଟି ରାସ୍ତା ନିର୍ମାଣ | ୨୯ |
| ୧୮ | ଆଦିମ ଜନଜାତିଙ୍କ ମୁହଁରେ ଫୁଟାଇଛି ହସ -ବ୍ୟବସାୟିକ କଦଳୀ ଚାଷ | ୩୧ |
| ୧୯ | ଆଦିମ ଜନଜାତି ଅଞ୍ଚଳରେ ଏକ ଉନ୍ନତ ବ୍ୟବସ୍ଥା- ସୌରଚାଳିତ ନଳକୂପ | ୩୩ |
| ୨୦ | ହଳଦୀ ଚାଷରେ ପାଦେ ଆଗରେ- କାଡ୍ରା କାବଣ୍ଡଲି ଗ୍ରାମ | ୩୪ |
| ୨୧ | ଡ଼ଙ୍ଗରିଆଙ୍କର ଏକ ବ୍ୟବସାୟିକ ଚାଷ -ସପୁରି ଚାଷ | ୩୫ |
| ୨୨ | ପରିବାର ପୋଷଣର ଏକ ମାଧ୍ୟମ - କିରାଣା ଦୋକାନ | ୩୬ |

# ସୂଚୀପତ୍ର


| କ୍ରମ | ସଫଳ କାହାଣୀ ର ଶୀର୍ଷକ | ପୃଷ୍ଠା |
|---|---|---|
| ୨୩ | ଏକ ସଫଳ ଯୋଜନା ରୂପାୟନର ଗାଁ - ଖଣ୍ଡିଆଧର | ୩୮ |
| ୨୪ | ଆଦିମ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ବ୍ୟବସ୍ଥା : ସୌର ଚାଳିତ ପାଣି ପମ୍ପ | ୩୯ |
| ୨୫ | ଏକ ସଫଳ ଉଦ୍ୟୋଗ- ମିଶନ ଶକ୍ତି କାଫେ | ୪୧ |
| ୨୬ | ଆଦିମ ଜନଜାତିଙ୍କର ଏକ ନୂତନ ଆଶା – ବିଶୋଧିତ ଝରଣା ପାଣି | ୪୨ |
| ୨୭ | ଜୀବନ ଜୀବିକା ଓ ନାରୀ ସଶକ୍ତିକରଣରେ ଏକ ପାଦ ଆଗରେ : ରୁଙ୍ଗୁ ରୁଙ୍ଗୁବା | ୪୪ |
| ୨୮ | ଆମ ସଫଳତା ର କାହାଣୀ- ଛେଳି ପାଳନ | ୪୬ |
| ୨୯ | ରୋଜଗାରର ଏକ ନୂତନ ଦିଗନ୍ତ - ମନରେଗା ଓ ଅର୍ଥକାରୀ ଫସଲ | ୪୮ |
| ୩୦ | ଆଦିମ ଅଞ୍ଚଳରେ ପରିବାର ପ୍ରତିପୋଷଣର ଏକ ମାଧ୍ୟମ – ବହି ଦୋକାନ | ୪୯ |
| ୩୧ | ଏକ ସଫଳ ଚାଷୀ - ବିରାମ ସୋରେନ | ୫୦ |
| ୩୨ | ଜଣେ ସଫଳ କିରାଣା ଦୋକାନୀ –ଯମୁନା ମାଝୀ | ୫୧ |

# ଚକୋଟିଆ ଭୁଞ୍ଜିଆଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି -ଷ୍ଟ୍ରବେରି ଚାଷ



ଭାରତ ବର୍ଷର ଓଡିଶା ପ୍ରଦେଶରେ ଭୁଞ୍ଜିଆ ଜନଜାତି ବାସ କରନ୍ତି, ବିଶେଷକରି ନୂଆପଡା ଜିଲ୍ଲା କୋମନା ବ୍ଲକର ସୁନାବେଡା ଅଭୟାରଣ୍ୟରେ ଯାହାକି ସମୁଦ୍ର ପତନ ଠାରୁ ୩୫୦୦ ଫୁଟ ଉଚ୍ଚରେ ଅବସ୍ଥିତ । ଏଠାରେ ତିନୋଟି ପଞ୍ଚାୟତରେ 742 ଟି ଭୁଞ୍ଜିଆ ପରିବାର ରହନ୍ତି । ମୁଖ୍ୟତଃ ସେମାନେ ଅଣକାଠ ବନଜାତ ଦ୍ରବ୍ୟ ଓ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ଏତଦବ୍ୟତୀତ ପ୍ରାଣୀପାଳନ ଓ ଦିନ ମଜୁରିଆ ହିସାବରେ ଜୀବିକା ନିର୍ବାହ କରନ୍ତି ।

୨୦୧୬-୧୭ ମସିହାରେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ସୁନାବେଡା ସ୍ଥିତ ଚକୋଟିଆ ଭୁଞ୍ଜିଆ ବିକାଶ ସଂସ୍ଥାରେ ଏକ ଅଣୁ ପ୍ରକଳ୍ପ ଅଞ୍ଚଳ ଯୋଗ କଲେ । ୨୦୨୨-୨୩ ମସିହାରେ ଜିଲ୍ଲାପାଳଙ୍କ ଗ୍ରସ୍ତ ସମୟରେ ସେଠିକାର ମାଟି, ପାଣି, ପବନ ଷ୍ଟ୍ରବେରୀ ଚାଷ ପାଇଁ ଉପଯୁକ୍ତ ବୋଲି ମନେକଲେ । ଅଭିନବ କାର୍ଯ୍ୟକଳାପ ହିସାବରେ ଗ୍ରାମ୍ୟ ବିକାଶ କମିଟି ବୈଠକରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ୬ଟି ଆଦିମ ଜନଜାତି ଗାଁର ୧୦ ଜଣ ଆଦିମ ଜନଜାତିଙ୍କୁ ୧୦ ଏକର ଜମିରେ ଷ୍ଟ୍ରବେରୀ ଚାଷ ପାଇଁ ଚୟନ କରାଗଲା ।

ଏଥିପାଇଁ ସେମାନଙ୍କୁ ୨ ଥର ଶୈକ୍ଷିକ ଭ୍ରମଣରେ ନିଆଯାଇ ତାଲିମ ଦିଆଗଲା ଏବଂ ନିଷ୍ପତ୍ତି କରାଗଲା ଯେ, ଆଦିମ ଜନଜାତିଙ୍କ ସଶକ୍ତିକରଣ ପାଣ୍ଠିରୁ ଶ୍ରମଦାନ



ଭାଗ ୧/୩

# ଷ୍ଟ୍ରବେରି ଚାଷ ...



ଖର୍ଚ୍ଚ ଭରଣା ଦେବା ସହ ଅନ୍ୟାନ୍ୟ ଖର୍ଚ୍ଚ ଯଥା ଚାରା, ସାର, ବୁନ୍ଦା ଜଳସେଚନ ଓ ଆଚ୍ଛାଦାନ ସଂସ୍କାର ବଳକା ଅର୍ଥରୁ ଭରଣା ହେବ। ମହାରାଷ୍ଟ୍ରର ମହାବଳେଶ୍ୱର ଓ ପୁଣେରୁ ଚାରା କ୍ରୟ କରାଗଲା । କୃଷି ପାଇଁ ଆନ୍ତର୍ଜାତୀୟ ପାଣ୍ଠିରେ ବୁନ୍ଦା ଜଳସେଚନ ଓ ଆଚ୍ଛାଦନର ସହାୟତା ପାଇଁ ଉଦ୍ୟାନ କୃଷି ବିଭାଗ ସହ ସଂଯୋଜନ କରାଗଲା ଏବଂ ଷ୍ଟ୍ରବେରୀର ଏକ ଉତ୍ପାଦକ ଗୋଷ୍ଠୀ ଗଠନ କରାଗଲା ।

ନଭେମ୍ବର ପ୍ରଥମ ସପ୍ତାହରେ ରୋପଣ ହୋଇଥିବା ଚାରା ୪୦-୫୦ ମଧ୍ୟରେ ଅମଳ ଆରମ୍ଭ ହେଲା । ଏକର ପିଛା ୨୦,୦୦୦ ଚାରା ଲଗାଗଲା ଓ ପ୍ରତି ଚାରାରୁ 0.୫ କିଲୋଗ୍ରାମ ହିସାବରେ ୧ ଏକରରୁ ୧୦,୦୦୦ କିଲୋଗ୍ରାମ ଫଳ ଅମଳ ହେଲା । ମୋଟରେ ୧୦ଏକରରୁ ୧,୦୦,୦୦୦ କିଲୋଗ୍ରାମ ଅମଳ ସରିବା ପରେ ଏବେ ମଧ୍ୟ ଉତ୍ପାଦନ ଚାଲୁ ରହିଛି । ଆଞ୍ଚଳିକ ସ୍ତେତ୍ରରେ ଖୋଲାବିକ୍ରି ସହିତ ବିକ୍ରୟ କରି କିଲୋଗ୍ରାମ ପ୍ରତି 200 ଟଙ୍କା ହିସାବରେ ବିକି 10 ଏକରରୁ ହାରାହାରି 4,70,00,000/- ଆୟ ହୋଇଛି ।

ଏହାଛଡା ପ୍ରତି ଚାରାରୁ ୫-୧୦ ଟି ନୂଆ ଚାରା ହିସାବରେ ଅତି କମରେ ଏକର ପିଛା ୧,୦୦,୦୦୦ ଚାରା ମିଳିଛି ଯେଉଁଥିରୁ କି ନିଜ ପାଇଁ ୨୦,୦୦୦ ଚାରା ରଖି ଅବଶିଷ୍ଟ ୮୦,୦୦୦ କୁ ୧୦ ଟଙ୍କା ଦରରେ ବିକି ୮,୦୦,୦୦୦/- ମିଳୁଛି । ଏହାକୁ ସୁନାବେଡା ଷ୍ଟ୍ରବେରୀ ନାମରେ ମାର୍କା ଦିଆଯାଇଛି ।



ଭାଗ ୨ /୩

| କ୍ର.ନଂ | ଚାଷୀ ନାମ | ଗ୍ରାମ | ଚାଷ ଜମିର ପରିମାଣ (ଏ) | ଆୟ (ଲକ୍ଷ୍ୟରେ ) |
|---|---|---|---|---|
| 1. | ଯୁବରାଜ ସିଂ ଛତ୍ରିଆ | ସୁନାବେଡା | 1.0 | ଟ 6.0 ଲକ୍ଷ |
| 2. | ବିଶ୍ରାମ ଛତ୍ରିଆ | ଏଜନ | 1.0 | ଟ 5.0 ଲକ୍ଷ |
| 3. | କାଳିରାମ ସୁଆର | ଏଜନ | 1.0 | ଟ 4.0 ଲକ୍ଷ |
| 4. | ସଲିକ୍ରମ ସୁଆର | ଏଜନ | 1.0 | ଟ 5.0 ଲକ୍ଷ |
| 5. | ବିଜୟ ଝାଙ୍କର | ସୋନବାହାଲି | 1.0 | ଟ 4.0 ଲକ୍ଷ |
| 6. | ରାଜକୁମାର ଛତ୍ରିଆ | କୁନାପାଣି | 1.0 | ଟ 4.0 ଲକ୍ଷ |
| 7. | ଭୋଜେସିଂ ମାଝୀ | ଟିକମୁଣ୍ଡି | 1.0 | ଟ 4.0 ଲକ୍ଷ |
| 8. | ଗାଓସିଂ ମାଝୀ | | 1.0 | ଟ 6.0 ଲକ୍ଷ |
| 9. | ଡାଳସିଂ ମାଝୀ | | 1.0 | ଟ 6.0 ଲକ୍ଷ |
| 10. | ଧର୍ମସିଂ ଭୁଞ୍ଜିଆ | | 1.0 | ଟ 4.0 ଲକ୍ଷ |





ଏହି ଚାଷର ସଫଳତା ଓ ଆୟ ଲାଭ ଦେଖି ଅନ୍ୟମାନେ ଆକୃଷ୍ଟ ହେଲେଣି ଷ୍ଟ୍ରବେରୀ ଚାଷ କରିବାକୁ । ଏହି ଲାଭାଂଶରୁ ସାଲେପଡାର ୫ ଜଣ ଚାଷୀ ଏକ ଚାରି ଚକିଆ ଯାନ କିଣିବା ସହ ଅନ୍ୟମାନେ ଘରପାଇଁ ସାରଞ୍ଜାମ କରିପାରିଛନ୍ତି ।

ଏପରି ଅଭିନବ ପ୍ରୟାସ ପାଇଁ ସେମାନେ ଓଡିଶା ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ, କୃଷିପାଇଁ ଆନ୍ତର୍ଜାତୀୟ ପାଣ୍ଠି ଓ କୃଷି ତଥା ଉଦ୍ୟାନ କୃଷି ଏବଂ ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

ଭାଗ ୩/୩

# ଦିଗ ପରିବର୍ତ୍ତିତ ଜଳସେଚନ : ଚାଷ ପାଇଁ ଆଶାର କିରଣ



ପୁରୁଣାସାହି (ହିକିରୀମା) ଗାଁ, ଗଜପତି ଜିଲ୍ଲା ମୋହନା ବ୍ଲକର ଅନ୍ତରବା ଗ୍ରାମ ପଂଚାୟତରେ ଅବସ୍ଥିତ। ଏହା ଏକ ଆଦିମ ଜନଜାତି ବହୁଳ ଗ୍ରାମ ଅଟେ। ଏହି ଗ୍ରାମରେ ୫୨୪ ଜନସଂଖ୍ୟା ବିଶିଷ୍ଟ ୧୨୧ ପରିବାର ବସବାସ କରନ୍ତି। ଅଧିକାଂଶ ଲୋକ ମୂଖ୍ୟତଃ ଚାଷବାସ ଉପରେ ନିର୍ଭରଶୀଳ। ସେମାନେ ମୁଖ୍ୟତଃ ଖରିପ ଋତୁରେ ଧାନ ଓ ରବି ଋତୁରେ ସ୍ୱଳ୍ପ ପରିମାଣରେ ପରିବା ଚାଷ କରିଥାନ୍ତି। ଏହା ସେମାନଙ୍କ ଜୀବନ ଜୀବିକା ପାଇଁ ପର୍ଯ୍ୟାପ୍ତ ପରିମାଣ ହୁଏ ନାହିଁ। ଅନ୍ୟ ରାଜ୍ୟରେ ଦାଦନ ଖଟିବାକୁ ସେମାନଙ୍କୁ ପରିସ୍ଥିତି ବାଧ୍ୟ କରେ।

ଆଦିମ ଜନଜାତିଙ୍କ ସଂଘର୍ଷ ଦିନଗୁଡିକର ସୂର୍ଯ୍ୟାସ୍ତ ନିମନ୍ତେ, ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯକ୍ରମ (OPELIP)ର ଆଗମନ ହୁଏ ଏବଂ ସଉରା ଉନ୍ନୟନ ସଂସ୍ଥା, ଚନ୍ଦ୍ରଗିରି ଓ FNGO-SWSSର ମିଳିତ ଆନୁକୁଲ୍ୟରେ ଆଶାର ନୂତନ ସୂର୍ଯ୍ୟୋଦୟ ହୁଏ। ଗ୍ରାମସଭା ମାଧ୍ୟମରେ ଏହା ଉପନୀତ ହୁଏ ଯେ, ଚାଷ ଜମିକୁ ଜଳସେଚନ ଏକ ମୁଖ୍ୟ ସମସ୍ୟା ଏବଂ ପର୍ଯ୍ୟାପ୍ତ ପରିମାଣରେ ସେମାନେ ଚାଷବାସ କରିବାକୁ ଅସର୍ମଥ ହେଉଛନ୍ତି। ଏହା ନିଷ୍ପତି ନିଆଗଲା ଯେ ଦିଗ ପରିବର୍ତ୍ତିତ ଜଳସେଚନ ନିର୍ମାଣ ଦ୍ୱାରା ବର୍ଷ ସାରା ଜଳସେଚିତ କରାଯାଇପାରିଲେ ସବୁ ଋତୁରେ ଚାଷ କରା ଯାଇପାରିବ।

ଗ୍ରାମବାସୀଙ୍କ ଅନୁରୋଧ କ୍ରମେ SDA, ଚନ୍ଦ୍ରଗିରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY) ପାଣ୍ଠିରୁ ୨.୩୪୫ ଲକ୍ଷ ଟଙ୍କାର ଅଟକଳ ମୂଲ୍ୟରେ ୭୫ମିଟର ଲମ୍ବ କଂକ୍ରିଟ କେନାଲର ନିର୍ମାଣ କରାଗଲା। ଏହାଦ୍ବାରା ୨୦ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ହୋଇପାରିଲା। ବର୍ତ୍ତମାନ ୨୦ଟି ପରିବାର ଏହା ଉପରେ ନିର୍ଭରଶୀଳ ହୋଇ ବର୍ଷସାରା ଚାଷବାସ କରି ଆଉ ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯାଉନାହାନ୍ତି। ଏବେ ୨୦ଟି ପରିବାର ଏହା ଉପରେ ନିର୍ଭରଶୀଳ ହୋଇ ବର୍ଷସାରା ଚାଷବାସ କରି ଜୀବିକା ଉପାର୍ଜନ କରୁଛନ୍ତି | ଏହି ପରିବାର ଗୁଡିକ ଆଉ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉନାହାନ୍ତି।



ଭାଗ ୧/୨

ସେହି ଭଳି ଏକ ପରିବାର ହେଲେ "ଫିଲାମନ ଗମାଙ୍ଗ ପରିବାର| ସେ ଏବେ ଗାଁରେ ଖରାଦିନିଆ ପରିବା ଚାଷ ଆରମ୍ଭ କରିଦେଇଛନ୍ତି| ଅନ୍ୟ ଚାଷୀମାନେ ବନ୍ଧାକୋବି, ବାଇଗଣ, ମକା, ପିଆଜ, ଲଙ୍କା, ଆଳୁ, ଟମାଟର ଇତ୍ୟାଦି ପ୍ରାୟ ୧୦ ଏକର ଜମିରେ ଚାଷ କରିଛନ୍ତି। ଗମାଙ୍ଗଙ୍କର କହିବା ମୁତାବକ ଅଳ୍ପ କିଛିଦିନ ବ୍ୟବଧାନରେ ଘରର ସମସ୍ତ ପାରିବାରିକ ଖର୍ଚ୍ଚ ବାଦ୍ ୧୫୦୦୦ ଟଙ୍କା ସଞ୍ଚୟ କରି ପାରିଥିବାରୁ OPELIP ସଂସ୍ଥାକୁ ବହୁତ ଧନ୍ୟବାଦ୍ ଜଣାଇଛନ୍ତି। ଏବେ ସମସ୍ତ ୨୦ ହେକ୍ଟର ଜମିରେ ବର୍ଷା ଦିନିଆ ଧାନ ଚାଷ କରିଛନ୍ତି। ସମସ୍ତ ଚାଷୀ OPELIP ଦ୍ୱାରା ନିର୍ମିତ ଦିଗ ପରିବର୍ତ୍ତିତ ଜଳସେଚନ ଚାଷୀ କୁ ନେଇ ଅନେକ ଖୁସି ଅଛନ୍ତି |



ଭାଗ ୧/୨

# ଆୟ ସୃଷ୍ଟି କାରୀ କାର୍ଯ୍ୟ କଳାପର ଏକ ସଫଳ କାହାଣୀ – ବଢେଇ କାମ



ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଜୁନାପାଣି ଏକ ଗାଁ  ଯାହାକି ସମୁଦ୍ର ପତନଠାରୁ ୩୫୦୦ ଫୁଟ  ଉପରେ ଅବସ୍ଥିତ । ସର୍ବଶକ୍ତି ଗ୍ରାମ ବିକାଶ କମିଟି ରେ ୮୭ ଜଣ ଚକୋଟିଆ ଭୁଞ୍ଜିଆ ପରିବାର ବାସ କରନ୍ତି । ଅଧିକାଂଶ ଲୋକ ଅଣଟିମ୍ବର୍ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ କୃଷି ରେ ମଜୁରୀ କରି ଜୀବିକା ନିର୍ବାହ କରନ୍ତି

ସେହି ଗାଁରେ ୫୫ ବର୍ଷିଆ  ଶୈଳେନ୍ଦ୍ର ଛତ୍ରିଆ ଅତି ଗରିବ ଥିଲେ । ସେ ଜଣେ ଦିନ ମଜୁରିଆ । ସେ କାଠ କାମକରି ଚଳନ୍ତି । ଦୈନିକ ଟ ୧୦୦/-ରୁ ଟ ୧୫୦/-ଆୟ ୫ଟି ପ୍ରାଣୀ କୁଟୁମ୍ବ ଚଳାଇବାକୁ ଯଥେଷ୍ଟ ନଥିଲା ।

ଗ୍ରାମ୍ୟ ବିକାଶ କମିଟି ମାଧ୍ୟମରେ ସେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ  କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଆର୍ଥିକ ସହାୟତା ପାଇଁ ଗୁହାରି କରିଥିଲେ । ୨୦୨୨-୨୩ ମସିହା ଗ୍ରାମ୍ୟ ବିକାଶ କମିଟି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ଚୟନ କରି, ଅନୁମୋଦନ ପରେ ସେ ବାର୍ଷିକ କର୍ମ ଯୋଜନା ଓ ବଜେଟରେ କାଠ ସାମଗ୍ରୀ ତିଆରି କରି ବିକ୍ରୟ ଆରମ୍ଭ କଲେ ।

ଭାଗ ୧/୨

ଆଜିକାଲି ମାସକୁ ଟ୧୦,୦୦୦/-ରୁ ଟ୧୨,୦୦୦/- ଆୟ କରି ସୁଖରେ ପରିବାର ପ୍ରତିପୋଷଣ କରୁଛନ୍ତି । ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ତାଙ୍କର ଆର୍ଥିକ ଉନ୍ନତି କରିବା ସଂଗେ ସଂଗେ କାମକୁ ସହଜ କଲା ଓ ଜୀବିକା ରେ ଉନ୍ନତି ଆଣିଲା । ସୁନାବେଡା ର ଚକୋଟିଆ ଭୁଞ୍ଜିଆ ବିକାଶ ସଂସ୍ଥା ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ସେ ସପରିବାରେ ଖୁସିରେ ଚଳୁଛନ୍ତି ।



# ବେବି ଦଳେଇଙ୍କର ଜୀବିକା ନିର୍ବାହର ମାର୍ଗ-ପରିବା ଚାଷ



ଓଡିଶାର ଗଞ୍ଜାମ ଜିଲ୍ଲା ପାତ୍ରପୁର  ବ୍ଲକ ଅନ୍ତର୍ଗତ ବୁରତାଳ ପଞ୍ଚାୟତର ଏକ ଆଦିବାସୀ ଗାଁ ମହଲିଡିମ୍ବ ଯେଉଁଠାରେ ୩୭ବର୍ଷିଆ ଆଦିମ ଜନଜାତି ସମ୍ପ୍ରଦାୟର ବେବି ଦଳେଇ ସ୍ୱାମୀ ଓ ପିଲାମାନଙ୍କୁ ନେଇ ରହନ୍ତି । ସେମାନଙ୍କର ବହୁତ କମ ଜମିବାଡ଼ି । ଜମିରେ ଯେତେ ଅଧିକ କାମ କଲେ ମଧ୍ୟ ୬ମାସରୁ ଅଧିକ ଚଳେଇବା ସମ୍ଭବ ହେଉନଥିଲା । ଜୀବିକା ବିପଦପୂର୍ଣ୍ଣ ଥିଲା ।

ଇତି ମଧ୍ୟରେ ତୁମ୍ବା ବିକାଶ ସଂସ୍ଥା ଜରିଆରେ ଗଞ୍ଜାମ ଜିଲ୍ଲାର ତୁମ୍ବାଠାରେ  ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ  କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଦୁର୍ଭାଗ୍ୟ ବଶତଃ ଜଙ୍ଗଲୀ ମହୁ ସଂଗ୍ରହ ସମୟରେ ତାର ସ୍ୱାମୀ ରେଙ୍ଗ ଦଳେଇ ଗଛରୁ ପଡି ମୃତ୍ୟୁ ବରଣ କଲେ । ଫଳରେ ପରିବାରର ସମସ୍ତ ବୋଝ ତା ଉପରେ ପଡିଲା । ଦୈନିକ  ଖର୍ଚ୍ଚ ଓ ପିଲାମାନଙ୍କ ପଢା ଖଚ ତୁଲାଇବା ସହଜ ନଥିଲା ।

ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ହିତାଧିକାରୀ ଚୟନ ସମୟରେ ଗ୍ରାମ୍ୟ ବିକାଶ କମିଟି ତାଙ୍କୁ ପନିପରିବା ଚାଷ ପାଇଁ



ଭାଗ ୧/୨

ଚୟନ କଲେ ଏବଂ ତାଙ୍କୁ ଟ ୧୮୦୦୦/-ର ସହାୟତା ମିଳିଲା । ସେହି ଅର୍ଥ ରେ ସେ ପ୍ଲାଷ୍ଟିକ ଝୁଡି ଓ ଓଜନ ଯନ୍ତ୍ର ,ବାଉଁଶ ଟୋକେଇ, ପନିପରିବା ମଞ୍ଜି ଏବଂ କିଛି ଚାରା କ୍ରୟ କରି ପରିବା ଚାଷ କଲେ । ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ସହାୟତା ତାଙ୍କର ଅଭାବୀ ଦୂର କରିବା ସହ କାମରେ ଅଧିକ ତତ୍ପରତା ପାଇଁ ଉତ୍ସାହିତ କଲା

ପନିପରିବା ଜ୍ଞାନ ଥିବା ହେତୁ ସେ କାମ ଜମି ର ଅଧିକ ଉତ୍ପାଦନ ପାଇଁ କଠିନ ପରିଶ୍ରମ କଲେ । ଋତୁ ଭିତ୍ତିକ ପରିବା ଚାଷ କରିବା ସହ ସ୍ଥାନୀୟ ହାଟ ରେ ଋତୁକାଳୀନ ପରିବା ବିକ୍ରୟ କଲେ । ଗାଁ ର ବିକାଶ ସହ ନିକଟସ୍ଥ ପାହାଡିଆ ଗାଁ ମାନଙ୍କରେ ଏବଂ ବୁରାଢ଼ଲ, ଭଲିଆ ସାହି ସପ୍ତାହିକ ହାଟରେ ପରିବା ବିକ୍ରି କରନ୍ତି । ଚାଷ କାମ ଛଡା ସେ ପନିପରିବା ବିକ୍ରି କରି ମାସିକ ୪୦୦୦/- ରୁ ୫୦୦୦/-ଟ ଆୟ କରନ୍ତି ଏବଂ ଖୁସି ରେ ପରିବାର ଚଳାନ୍ତି ।



# ଆୟ ସୃଷ୍ଟିକାରୀ କାର୍ଯ୍ୟ କଳାପର ଏକ ସଫଳ ଉଦ୍ୟୋଗ - ଅଟା କଳ ସ୍ଥାପନ




ପ୍ରାକୃତିକ ସମ୍ପଦରେ ଭରପୁର ଗଜପତି ଜିଲ୍ଲା ଆଦିମ ଜନଜାତିଙ୍କ ବାସସ୍ଥାନ ବୋଲି ଧରାଯାଏ । ବିଶେଷକରି ମୋହନା ବ୍ଲକର ଚନ୍ଦ୍ରଗିରି ଯାହାକି ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ରୂପେ ବିବେଚିତ ହୁଏ। ସଉରା ସମ୍ପ୍ରଦାୟ ଗଜପତି ଜିଲ୍ଲାର ଆଦିମ ଜନଜାତି ଅଟନ୍ତି। ଚନ୍ଦ୍ରଗିରି ର ୯ଟି ପଞ୍ଚାୟତରେ ସଉରା ସମ୍ପ୍ରଦାୟ ବାସ କରନ୍ତି। ସେହି ସମ୍ପ୍ରଦାୟର ଉନ୍ନତି କଳ୍ପେ ୧୯୬୯ ମସିହାରେ ସଉରା ବିକାଶ ସଂସ୍ଥା ସ୍ଥାପିତ ହୋଇଅଛି ଏବଂ ଏହି ସଂସ୍ଥା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର ଭିତ୍ତିକ କାର୍ଯ୍ୟ କଳାପ ବିକାଶ ଦିଗରେ କାର୍ଯ୍ୟ କରିଥାଏ। ବିଗତ ୫୨ବର୍ଷରେ ସଉରା ବିକାଶ ସଂସ୍ଥା ଆଦିମ ଜନଜାତିମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ପ୍ରୟାସ ଜାରି ରହିଛି।

ସେହି ଅଞ୍ଚଳରେ ବ୍ରାହ୍ମଣୀ ପଞ୍ଚାୟତ ଅନ୍ତର୍ଗତ ପଢ଼ିଗାଁରେ ୪୪ଟି ଆଦିମ ଜନଜାତି ପରିବାର ବାସକରନ୍ତି। ଏହି ଗାଁଟି ବ୍ଲକ ଠାରୁ ୨୩ କି.ମି. ଓ ଜିଲ୍ଲା ସଦର ମହକୁମାଠାରୁ ୯୦କି.ମି. ଦୂରରେ ଅବସ୍ଥିତ। ଗାଆଁର ସମସ୍ତ ଗ୍ରାମବାସୀ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି ଏବଂ ସେମାନେ ସାମାଜିକ ଓ

ଭାଗ ୧/୨

ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଅଟନ୍ତି । ସେହି ଗାଁରେ ଦେବକୀ ଶବର ନାଁରେ ଜଣେ ବିଧବା ଯିଏକି ପୁଅସହ ବାସ କରନ୍ତି। ଦେବକୀ ଦିନ ମଜୁରିଆ ହିସାବରେ କାମ କରି ଗୁଜୁରାଣ ମେଣ୍ଟାନ୍ତି ଯାହାକି ତାଙ୍କପାଇଁ କଷ୍ଟଦାୟକ ଥିଲା ।

ଗ୍ରାମ ବିକାଶ କମିଟି ବୈଠକରେ ଗ୍ରାମବାସୀମାନେ ଦେବକୀ ଶବର ଓ ତାଙ୍କର ଜୀବିକା ନେଇ ଚର୍ଚ୍ଚା କଲେ । ଆର୍ଥିକ ବର୍ଗୀକରଣ ଅନୁସାରେ ସେ ଗରିବ ଶ୍ରେଣୀରେ ଥିଲେ। ଅଧିକନ୍ତୁ, ହିତାଧିକାରୀ ଜଣଙ୍କ ବ୍ୟବସାୟ ପାଇଁ ଶିକ୍ଷିତ ଥିଲେ। ୨୦୨୦-୨୧ ମସିହାରେ ଗ୍ରାମ ବିକାଶ କମିଟି ଦେବକୀଙ୍କ ଜୀବିକାର ଉନ୍ନତି ପାଇଁ ଟ ୨୧୦୦୦/- ର ସହାୟତା ପ୍ରଦାନ କରିଥିଲେ।ଏବଂ ସେ ଅଟାକଳ ସ୍ଥାପନ କାଲେ । ପ୍ରତିଦିନ ସେଥିରୁ ଟ୧୦୦/-ରୁ ଟ୨୫୦/- ଆୟ ମିଳୁଥିଲା । ବର୍ତ୍ତମାନ ସେ ବ୍ୟାଙ୍କରେ ଟ୯୦୦୦/- ସଞ୍ଚୟ କରିପାରିଛନ୍ତି। ତାଙ୍କର ଏହି ବିକାଶରେ ଉତ୍ସାହିତ ହୋଇ ଅନ୍ୟମାନେ ଏହି ପ୍ରକାର କାମ କରିବାକୁ ଆଗ୍ରହୀ ହେଲେଣି । ସେ ବର୍ତ୍ତମାନ ଆତ୍ମନିର୍ଭରଶୀଳ ଏବଂ ଗାଁରେ ଏକ ସଫଳ ମହିଳା ରୂପେ ସ୍ୱୀକୃତି ପାଇଲେଣି । ଏହି ପ୍ରକାର ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ଦେବକୀ ଶବରର ଜୀବିକା ଉପାର୍ଜନରେ ସାହାଯ୍ୟ କରିଥିଲା ଏବଂ ସେ ଏକ ସଫଳ ଉଦ୍ୟୋଗୀ ହୋଇପାରିଲେ ।




ଭାଗ ୨/୨

# ଆଦିମ ଜନଜାତିଙ୍କର ଏକ ଭରସା- ମୋଟର ସାଇକଲ ରୋଗୀସେବା ଯାନ



ମାଲକାନଗିରି ଜିଲ୍ଲା ମୁଦୁଲିପଡା ସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଅଣ୍ଡାହଲ ପଞ୍ଚାୟତର ଗ୍ରାମବାସୀ ମାନେ ମୁଖ୍ୟତଃ ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ବାସ କରନ୍ତି । ଯେଉଁଠାରେ ରାସ୍ତାକୁ ଅନେକ ଗଳି ରାସ୍ତା ସଂଯୋଗ ହୋଇଛି । ପଞ୍ଚାୟତର ଅଧିକାଂଶ ଭାଗ ଅର୍ଥାତ ଖଇରପୁଟ ବ୍ଲକ ପଟ ଅପହଞ୍ଚ ଓ ଅତ୍ୟଧିକ ଦୁର୍ଗମ ଆଦିବାସୀ ଅଞ୍ଚଳ । ଏହି ଅଞ୍ଚଳରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପାଇବା ହେଉଛି ଏକ ବଡ ଆହ୍ୱାନ ।

ପରିଶେଷରେ ମୁଦୂଲିପଡା ସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା ଦ୍ୱାରା ଏହି ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମରେ ଏକ ଉପାୟ ଚିନ୍ତା କରାଗଲା । ଯେତେ ଘଞ୍ଚ ଜଙ୍ଗଲ ହେଉ ଅବା ଚାରିଚକିଆ ଯାନ ପାଇଁ ରାସ୍ତା ନଥାଉ, ଅତି ଶୀଘ୍ର ଯେପରି ଦରକାରୀ ଲୋକଙ୍କ ପାଖରେ



ଭାଗ ୧/୨

# ମୋଟର ସାଇକଲ ରୋଗୀସେବା ଯାନ ...

ସ୍ୱାସ୍ଥ୍ୟ ସେବା ପହଞ୍ଚିବ।   ଦରକାର ଏବଂ ଅବସ୍ଥା ସଙ୍କଟାପୂର୍ଣ ଲୋକ ଘର ଦୁଆର ଆଗରୁ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ମିଳିବ ।

ବଳି ପାହାଡ ଯୁବକ ସଂଘ ଏହି ରୋଗୀ ଯାନ ଚଳାଇବା ଏବଂ ସେବା ସହାୟତା ପ୍ରଦାନ କରିବା ପାଇଁ ଡାୟିତ୍ ନେଲେ ।   ବଣ୍ଡା ସଂପ୍ରଦାୟ ର ଦେୟରେ  ଏହା ପରିଚାଳିତ ହେଉଛି ଏବଂ ଅଳ୍ପ ମାତ୍ର ଦେୟରେ ଘର ଦୁଆରେ ଦରକାରୀ ଲୋକଙ୍କୁ ଜରୁରୀ କାଳୀନ ରୋଗୀସେବା ଯୋଗାଇ ଦିଆଯାଉଛି । ବଣ୍ଡା ସମ୍ପ୍ରଦାୟର ଏହି ପ୍ରୟାସ ଜିଲ୍ଲାରେ ପ୍ରଥମ ଏବଂ ସମସ୍ତଙ୍କ ଆଖି ଖୋଲିଦେଇଛି । ୨୦୨୦-୨୧  ବାର୍ଷିକ କର୍ମ ଯୋଜନା ଓ ବଜେଟ ରେ ବିଶ୍ୱାସ ଜନ୍ମାଇବା ପଦକ୍ଷେପ ସ୍ୱରୂପ ଟ ୩.୩  ଲକ୍ଷ୍ୟ ଟଙ୍କା ପ୍ରକଳ୍ପ ଖର୍ଚ୍ଚରୁ ୩  ଲକ୍ଷ୍ୟ ସହାୟତା ପ୍ରଦାନ କରାଯାଇଥିଲା ।

ଅଣ୍ଡାହଲ୍ ପଞ୍ଚାୟତ ଅଞ୍ଚଳରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏହା ଏକ ବରଦାନ । ଅପହଞ୍ଚ ଇଲାକାରେ ରହୁଥିବା ଲୋକମାନଙ୍କ ପାଇଁ "ମୋଟର ସାଇକେଲ ରୋଗୀ ସେବାଯାନ " ଯୋଗାଇବା, ଏପରିକି ଗର୍ଭଧାରଣ ମହିଳାମାନଙ୍କ ପ୍ରସୂତି  ପାଇଁ ନିକଟସ୍ଥ ଲମତାପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମୁଦୁଲିପଡା ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ପହଞ୍ଚେଇ ପାରୁଛନ୍ତି ।

ଆଜିକାଲି ଅପହଞ୍ଚ ଇଲାକାରେ "ମୋଟର ସାଇକେଲ ରୋଗୀ ଯାନ" ଏକ ଯାତାୟାତ ମାଧ୍ୟମ ହୋଇପାରିଛି । ଏହି ଯାନରେ ସୁଖପ୍ରଦ ଯାତାୟାତ କରିବା / ଜରୁରୀ କାଳୀନ ଔଷଧ ପତ୍ର ଅଧା ବ୍ୟୟରେ ଯୋଗାଣ ର ବ୍ୟବସ୍ଥା ରହିଛି । ପ୍ରସୂତି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା, ଗର୍ଭଯାଞ୍ଚ,  ଶିଶୁସ୍ୱାସ୍ଥ୍ୟ ଯାଞ୍ଚ,  ଜରୁରୀ ସେବା ଆଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରେରଣ ସେବା ପାଇଁ ଏହା ସହାୟକ କରୁଛି ।



ଭାଗ ୨/୨

# ଜୀବିକା ବୃଦ୍ଧି ପାଇଁ ଏକ ବରଦାନ- ଚଟପଟି ଖାଦ୍ୟ ଦୋକାନ




ପ୍ରାକୃତିକ ସମ୍ପଦରେ ଭରପୁର ଗଜପତି ଜିଲ୍ଲା ଆଦିମ ଜନଜାତିଙ୍କ ବାସସ୍ଥାନ ବୋଲି ଧରାଯାଏ । ବିଶେଷକରି ମୋହନା ବ୍ଲକର ଚନ୍ଦ୍ରଗିରି ଯାହାକି ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ରୂପେ ବିବେଚିତ ହୁଏ। ସଉରା ସମ୍ପ୍ରଦାୟ ଗଜପତି ଜିଲ୍ଲାର ଆଦିମ ଜନଜାତି ଅଟନ୍ତି। ଚନ୍ଦ୍ରଗିରି ର ୯ଟି ପଞ୍ଚାୟତ ରେ ସଉରା ସମ୍ପ୍ରଦାୟ ବାସ କରନ୍ତି। ସେହି ସମ୍ପ୍ରଦାୟର ଉନ୍ନତି କଳ୍ପେ ୧୯୭୯ ମସିହାରେ ସଉରା ବିକାଶ ସଂସ୍ଥା ସ୍ଥାପିତ ହୋଇଅଛି ଏବଂ ଏହି ସଂସ୍ଥା ଶିକ୍ଷା , ସ୍ୱାସ୍ଥ୍ୟ ଏବଂ ରୋଜଗାର ଭିତ୍ତିକ କାର୍ଯ୍ୟ କଳାପ ବିକାଶ ଦିଗରେ କାର୍ଯ୍ୟ କରିଥାଏ। ବିଗତ ୫୨ବର୍ଷରେ ସଉରା ବିକାଶ ସଂସ୍ଥା ଆଦିମ ଜନଜାତିମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ପ୍ରୟାସ ଜାରି ରହିଛି।


ଏହି ଅଞ୍ଚଳରେ ବଡସିନ୍ଧିବା ପଞ୍ଚାୟତ ମିଡିଆ ନାମରେ ଏକ ଗାଁ ଅଛି । ଏହି ଗାଁରେ ୭୦ ଘର ଆଦିମ ଜନଜାତି ବାସକରନ୍ତି । ଏହି ଗାଁଟି ବ୍ଲକର ସଦରମହକୁମାରୁ ୧୯ କି.ମି. ଓ ଜିଲ୍ଲା ମହକୁମାରୁ ୧୮ କି.ମି. ଦୂରରେ ଅବସ୍ଥିତ । ସମସ୍ତ ଗ୍ରାମବାସୀ ସାମାଜିକ ଅର୍ଥନୈତିକ ଅନଗ୍ରସର ଶ୍ରେଣୀର । ସ୍ତ୍ରୀ ସହ ରହୁଥିବା ସୁରେଶ ଦଳବେହେରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ( ମୁକ ) ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ଜୀବିକା ପାଇଁ ଦିନ ମଜୁରିଆ ଭାବେ କାମ କରନ୍ତି । ସେମାନେ ଜଣଙ୍କ ଆୟ ଉପରେ ନିର୍ଭର କରି ଚଳିବା କଷ୍ଟକର ହୋଇପଡିଲା । ସୁରେଶ ଦଳବେହେରା ର ରୋଜଗାର କରିବା ପାଇଁ ପ୍ରବଳ ଆଗ୍ରହ ଥିଲା କିନ୍ତୁ ମୁକହେତୁ କୌଣସି କାମ ପାଉନଥିଲେ ।

ଭାଗ ୧/୨

# ଚଟପଟି ଖାଦ୍ୟ ଦୋକାନ ...

ଗ୍ରାମ ବିକାଶ କମିଟି ବୈଠକରେ ଗ୍ରାମବାସୀମାନେ ସୁରେଶର ଉନ୍ନତି ପାଇଁ ଆଲୋଚନା କଲେ । ଚଳଣି ବର୍ଗିକରଣ ଅନୁସାରେ ସେ ଗରିବତମ ଥିଲେ ଓ ହିତାଧିକାରି ବ୍ୟବସାୟ୍ କାର୍ଯ୍ୟ କଳାପ କରବା ପାଇଁ ଶିକ୍ଷିତ ଥିଲେ ।

୨୦୨୦-୨୧ ମସିହାରେ, ଗ୍ରାମ୍ୟ ବିକାଶ କମିଟି ସଦସ୍ୟର ଉନ୍ନତି ନିମନ୍ତେ ସୁରେଶକୁ ଏକ ଖାଦ୍ୟ ଦୋକାନ କରିବାକୁ ସହାୟ୍ତା ଦେଲେ ଏବଂ ଦୋକାନଟି ବ୍ଳକର ଭିତରକୁ ଜମାଢିଆ ଗାଁରେ ଥିଲା । ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ରୁ ଟ ୧୮୦୦୦/-ର ସହାୟ୍ତା ଦିଆଗଲା । ଏହି ସହୟ୍ତା ରାଶିରେ ସେ ଗ୍ୟାସ, ବାସନକୁସନ ଓ ଚଟପଟି ସାମଗ୍ରୀ କିଣିଲେ ଏବଂ ବ୍ୟବସାୟ୍ ଆରମ୍ଭ କଲେ ଏବଂ ଦୈନିକ ଟ୩୦୦/-ରୁ ଟ୫୦୦/- ଆୟ୍ କରୁଛନ୍ତି । ବର୍ତ୍ତମାନ ସେ ମାସକୁ ଟ୫୦୦୦/- ସଂଚୟ୍ କରୁଛନ୍ତି । ତାଙ୍କର ପରିବାର ଖୁସିରେ ଅଛନ୍ତି । ଏହି ଖୁସି ଓ ସଫଳତା ଦେଖି ଗାଁର ଅନ୍ୟମାନେ ଏହିପରି କାମ ପାଇଁ ଉତ୍ସାହିତ ହୋଇଛନ୍ତି । ସେ ଆତ୍ମ ନିଯୁକ୍ତି ପାଇବା ସହ ଗାଁରେ ଏକ ସଫଳ ବ୍ୟକ୍ତିର ସ୍ୱୀକୃତି ପାଇଛନ୍ତି । ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମରେ ଆୟ୍ସୃଷ୍ଟି କାରି କାର୍ଯ୍ୟକଳାପ ଜରିଆ ରେ ସୁରେଶଙ୍କୁ ସହାୟ୍ତା ଦେଇ ତାକୁ ସକ୍ଷମ କରାଇଥିବାରୁ ତାର ପରିବାର ଲୋକମାନେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।




ଭାଗ ୨/୨

# ଏକ ସ୍ୱାବଲମ୍ବୀ ଚାଷୀ- ବିପିନୀ ମାଝୀ



ଚିରସବୁଜିମା ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜିଲ୍ଲା ହେଉଛି କନ୍ଧମାଳ । ଏହି ଜିଲ୍ଲାର ବେଲଘରକୁ ପ୍ରକୃତିରାଣୀର ଗନ୍ତାଘର ଭାବରେ ଜିଲ୍ଲାରେ ବିବେଚନା କରାଯାଏ । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମା ଭରା ଘନ ବନାନୀ ଝରଣାର କୁଳୁ କୁଳୁ ଶବ୍ଦ ବନ୍ୟ ଜନ୍ତୁଙ୍କର ଅବାଧ ବିଚରଣ ଓ ଉଡନ୍ତା ପକ୍ଷୀମାନଙ୍କର ସୁଲଳିତ ସ୍ୱର ଏବଂ ପ୍ରକୃତିକ ଦୃଶ୍ୟ ମଧ୍ୟରେ ସହରର କୋଳାହଳ ଠାରୁ ଦୂରରେ ଶାନ୍ତ ଶୀତଳ ପରିବେଶ ମଧ୍ୟରେ ବସବାସ କରନ୍ତି କୁଟିଆକନ୍ଧ ସମ୍ପଦାୟର ଆଦିମ ଜନଜାତି । ଏମାନେ ନିଜକୁ ସୃଷ୍ଟିର ଆଦ୍ୟ ସନ୍ତାନ ବୋଲି ଦାବି କରିଥାନ୍ତି । ଉଭୟ ସୂର୍ଯ୍ୟ ଏବଂ ସମାଜର ଆଲୋକ ପଡି ପାରୁନଥିବା ଏହି ପ୍ରକୃତିର ସନ୍ତାନ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କନ୍ଧମାଳ ଜିଲ୍ଲା ତୁମଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ପଞ୍ଚାଯତ ଅଧିନସ୍ଥ ଦେଓଗାଡା ଗ୍ରାମରେ ଓପିଲିପି ସହାୟତାରେ କାର୍ଯ୍ୟକ୍ରମ ଚାଲୁରହିଅଛି ।

ଏହି ଦେଓଗଡା ଗ୍ରାମରେ କେବଳ କୁଟିଆକନ୍ଧ ସଂପ୍ରଦାୟର ଲୋକମାନେ ବସବାସ କରନ୍ତି । ଏହି ଗ୍ରାମରେ ମୋଟ ୫୪ ଘର କୁଟିଆକନ୍ଧ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ କି ଜଙ୍ଗଲ ଜାତ ଦ୍ରବ୍ୟ ସହିତ ଅନ୍ୟାନ୍ୟ ଚାଷ ଉତ୍ପାଦିତ ଜିନିଷ ଉପରେ ଭରସା କରି ଜୀବନ ଅତିବାହିତ କରନ୍ତି । ସେମାନେ ମକା, ମାଣ୍ଡିଆ, କାନ୍ଦୁଲ, ଝୁଡଙ୍ଗ, ସୋରିଷ , କାଙ୍ଗୁ, କୁଇରି, ଇତ୍ୟାଦି ପାରମ୍ପାରିକ ପଦ୍ଧତିରେ ଚାଷ କରିଆସୁଥିଲେ କିନ୍ତୁ ଓପିଲିପିର କ୍ଷେତ୍ର କର୍ମଚାରୀମାନେ ଉକ୍ତ ଗ୍ରାମର ବିପିନ ମାଝୀଙ୍କୁ ପନିପରିବା ଓ ସମନ୍ୱିତ ଚାଷ କରି ଅଧିକ ଅର୍ଥ ଉପାର୍ଜନ କରିବା ବାବଦରେ ବୁଝାଇଥିଲେ ।

ଏହାପରେ ବିପିନ ମାଝୀ ଗ୍ରାମରେ ଥିବା ଗ୍ରାମ୍ୟ ଉନ୍ନୟନ କମିଟିକୁ ପନିପରିବା ଚାଷ ପାଇଁ ବିହନ ତଥା ସୌରଚାଳିତ ପମ୍ପର ସହଯୋଗ କରିବା ପାଇଁ ଜଣାଇଥିଲେ । ଗ୍ରାମ୍ୟ ଉନ୍ନୟନ କମିଟିଙ୍କ ମାଧ୍ୟମରେ ଉକ୍ତ ଚାଷୀଙ୍କୁ ଏକ ସୌରଚାଳିତ ପମ୍ପ ସହିତ ବିଭିନ୍ନ ପ୍ରକାରର ଉନ୍ନତ କିସମର ପନିପରିବା ବିହନ ଯୋଗାଇ ଦିଆଯାଇଥିଲା । ଏହା ଦ୍ୱାରା ଚାଷୀ ବିପିନ ମାଝୀ ନିଜ ଜମିରେ ପାରମ୍ପରିକ କୁଇଁରି ଚାଷ ପରିବର୍ତ୍ତେ ଉନ୍ନତ ପନିପରିବା ବିହନ ଚାଷ କଲେ । ଉକ୍ତ ପନିପରିବା ଚାଷରୁ ଉତ୍ପାଦିତ ବାଇଗଣ, କୋବି, ବିନ୍‌ସ୍, କଦଳୀ ଇତ୍ୟାଦି ପନିପରିବାକୁ ନିକଟସ୍ଥ ବେଲଘର ହାଟରେ ବିକ୍ରୟ କରି ବାର୍ଷିକ ୩୦୦୦୦ଟଙ୍କା ଆୟ କରିଅଛନ୍ତି । ପୁଣି କିଛି ପଦା ଜମିରେ ଆମ୍ବ ଚାରା ରୋପଣ କରି ଆମ୍ବ ବଗିଚାରୁ ଏ ବର୍ଷ ୪୦୦୦୦ ଟଙ୍କା ବିକ୍ରୟ କରିଅଛନ୍ତି । ସମସ୍ତ ଖର୍ଚ୍ଚ ବାଦ୍ ଏ ବର୍ଷ ହାରାହାରି ୫୦୦୦୦ ଟଙ୍କା ଲାଭ କରିଛନ୍ତି ।



# ଆଦିମ ଜନଜାତିଙ୍କ ବିକାଶର ମାଧ୍ୟମ - ସ୍ୱୟଂ ସହାୟକ ଗୋଷ୍ଠୀ



ଲୋଧା ଉନ୍ନୟନ ସଂସ୍ଥା, ମୋରଡା ଅନ୍ତର୍ଗତ ମୋରଡା ପଞ୍ଚାୟତ ସମିତି, ଜିଲ୍ଲା ମୟୁରଭଞ୍ଜର ଆଦିମ ଜନଜାତି ସଂଶକ୍ତି କରଣ ପାଣ୍ଠି ବା (PEF) ଋଣ ମାଧ୍ୟମରେ ଟିକିଟାମାଟିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘୋଡାବନ୍ଧା ଗ୍ରାମର (ଲୋଧା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଠାରୁ ୬ କି.ମି ଦୂରତା) "ମା କାଳୀ ସ୍ୱୟଂ ସହାୟକ ଗୋଷ୍ଠି" ଓ "ମା ବାସନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ "ର ମହିଳା ମାନେ କିପରି ତାଙ୍କ ଜିବିକା ନିର୍ବାହରେ ଉନ୍ନତି କଲେ ତାହାର ଏହ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିପାରିଛନ୍ତି । କାରଣ ଏହି ଆଦିମ ଜନଜାତି ମହିଳା ମାନଙ୍କର ଆର୍ଥିକ ସ୍ଥିତି ବ୍ୟବ୍ୟସାୟ କରି ନିଜେ ଆତ୍ମନିର୍ଭରଶିଳ ହେବା ପାଇଁ ସେତେ ସ୍ୱଛଳ ନ ଥିଲା । ତେଣୁ ଏହି PEF ଋଣ ର ଉପକାରିତା ବିଷୟରେ ମହିଳା ମାନଙ୍କୁ ସଚେତନ କରିବା ସହିତ ଏହାକୁ ସେମାନେ କିପରି ବ୍ୟବସାୟିକ ହିସାବରେ ବିନିଯୋଗ କରି ଲାଭବାନ ବା ଉପକୃତ ହୋଇପାରିବେ ସେହି ବିଷୟରେ ତାଙ୍କୁ ସଚେତନ କରାଗଲା । ଏହି PEF ଋଣ ର ଉପକାରିତା ବିଷୟରେ ଅବଗତ ହେବା ପରେ ଘୋଡାବନ୍ଧା ଗ୍ରାମର "ମା କାଳୀ ସ୍ୱୟଂ ସହାୟକ ଗୋଷ୍ଠୀ" ର ୧୦ ଜଣ ମହିଳା ସଦସ୍ୟା ଓ "ମା ବାସନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ"ର ୧୦ ଜଣ ମହିଳା ସଦସ୍ୟା ଋଣ ନେବା ପାଇଁ ଆଗ୍ରହ ପ୍ରକାଶ କଲେ । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କର ପ୍ରଥମେ ନଥିପତ୍ର ତଥା ଅଧାର କାର୍ଡ, ଭୋଟର କାର୍ଡ, ଫଟୋ କପି ଯାଞ୍ଚ କରି ତାଙ୍କ ମଧ୍ୟରୁ ଏକ ସଭାନେତ୍ରୀ ଓ ସଂପାଦିକା ଚୟନ କରାଗଲା ଓ ବ୍ୟଙ୍କରେ ଏକ ଆକାଉଣ୍ଟ ଖୋଲିବା ପାଇଁ ପରାମର୍ଶ ଦିଆଗଲା । ସେମାନେ ବ୍ୟାଙ୍କ ରେ ଆକାଉଣ୍ଟ ଖୋଲିବା ପରେ ପ୍ରଥମେ କିସ୍ତି ହିସାବରେ ଟ.୧୦୦୦୦୦.୦୦ (ଏକ ଲକ୍ଷ) ଆଦିମ ଜନଜାତି ସଶକ୍ତି କରଣ ପାଣ୍ଠି ବା (PEF) ଋଣ ପାଇଁ ବିଭିନ୍ନ ଉଦ୍ଦେଶ୍ୟରେ ଲୋଧା ଉନ୍ନୟନ ସଂସ୍ଥା, ମୋରଡା ତରଫରୁ ଜମା କରଗଲା । ଏହି ଜମା ରାଶିର ବାର୍ଷିକ ସୁଧ ହାର ୨% ହିସାବରେ ମୋଟ ମୂଳଧନ ସହିତ ଫେରସ୍ତ କରିବା ପାଇଁ ପରାମର୍ଶ ଦିଆଗଲା । ଏହି ମା କାଳୀ ସ୍ୱୟଂ ସହାୟକ ଗୋଷ୍ଠୀ" ଓ "ମା ବାସନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ"ର



ଭାଗ ୧/୨

ମହିଳା ମାନେ ୨୦୨୨ ଜାନୁୟାରୀ ମାସରେ ତାଙ୍କର ଏହି ବ୍ୟବସାୟ ଆରମ୍ଭ କଲେ ଓ  କିପରି ଏହାକୁ ବିନିଯୋଗ କଲେ ଲାଭବାନ ହୋଇପାରିବେ ସେଥିପାଇଁ ଲୋଧା ଉନ୍ନୟନ ସଂସ୍ଥା ତରଫରୁ ତାଙ୍କୁ ଅନେକ ସମୟରେ ତାଲିମପ୍ରାପ୍ତ  ବ୍ୟକ୍ତିଙ୍କ ଠାରୁ ତାଲିମ ଦିଆଗଲା ।   ତାଲିମ ନେବା ପରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଯାହାକି  ସବାଇ ଘାସ, କାନ ମୁଦି,ଫୁଲ ତୋଲା ତଥା ବିଭିନ୍ନ ପ୍ରକାର ସରଞ୍ଜାମ ତିଆରି କରି ଲାଭାବାନ ହୋଇପାରିଲେ ।ସ୍ୱୟଂ ସହାୟକ ଗୋଷ୍ଠିର ସଂପାଦିକା ଶ୍ରୀମତୀ ଦ୍ରୌପଦୀ  କଟାଲ ଙ୍କ "ମା ବାସନ୍ତି  ସ୍ୱୟଂ ସହାୟକ ଗୋଷ୍ଠୀ"ର ନେତ୍ରୀ ହିସାବରେ  ରକ୍ଷଣା ବେକ୍ଷଣ ତଥା କିପରି ଆମଦାନୀ  ଓ ରପ୍ତାନୀ କରିପାରିବେ  ତାହାର ଦାୟୀତ୍ୱ  ଦିଆଗଲା ।ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପ୍ରକାର ତିଆରି ହୋଇଥିବା ଜିନିଷର ଏକ ନିର୍ଦ୍ଧାରିତ ମୂଲ୍ୟ  ସ୍ଥିର  କରାଗଲା ଯାହାକି ବଜାରରେ ଚାହିଦା ବହୁତ ବଢିଗଲା ।ଏହି  ଜିଲ୍ଲାର ନିକଟତମ ରାଜ୍ୟ ପଶ୍ଚିମବଙ୍ଗରେ ଏହାର ଚାହିଦା ବିଶେଷ ଭାବେ ରହି ଥିବାରୁ ବହୁତ ଲାଭବାନ ମଧ୍ୟ ହୋଇପାରିଲେ ।   ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନେଇଥିବା PEF ଟଙ୍କାକୁ ବ୍ୟାଙ୍କରେ ସୁଧ ସହିତ ଜମା ମଧ୍ୟ କରିସାରିଛନ୍ତି ଯାହାକି ଅତି ପ୍ରଶଂସନୀୟ ଅଟେ ।   ସେମାନେ ତିଆରି କରିଥିବା ପ୍ରତ୍ୟକ ଜିନିଷର ମୂଲ୍ୟ ସ୍ଥିର କରିଛନ୍ତି ଯାହାକି ନିମ୍ନରେ ଏହା ଦିଆଗଲା ।

ଏହି ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ନେଇଥିବା  PEF  ଟଙ୍କାରୁ ମାସକୁ ଅତିକମରେ ଟ.୮୦୦୦.୦୦ ରୁ ଟ.୧୦୦୦୦.୦୦ ଲାଭବାନ ହୋଇପାରିଲେ । ବିଶେଷ କରି ସବାଇ ଘାସରୁ ତିଆରି ହୋଇଥିବା ଜିନିଷର ଚାହିଦା  ବଢିଯାଇଥିବାରୁ ସେମାନେ ଲାଭବାନ ମଧ୍ୟ ହୋଇପାରିଲେ ଏବଂ ମହିଳା ମାନେ ଘରେ ରହି ଜିନିଷ ତିଆରି କରିପାରିଲେ । ଯାହାକି ଅତି ପ୍ରଶଂସନୀୟ ଅଟେ



4500/- (Chair) | 50/- (Ear ring) | 300/- | 350/- (Vase)
350/- | 570/- | 180/- | 120/-(Dustbin)
7,500/- (Dining table) | 85/- | 150/-
80/- | 80/- (Pen Stand) | 250/- (CAP)

ଭାଗ ୨ /୨

# ମେରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ନୂତନ ପ୍ରୟାସ-ଅଣ୍ଡା ଦିଆ କୁକୁଡା ପାଳନ



ନିପଟ ମଫସଲ ଗାଁଟିଏ ଶିକୁଳିପଦର। ଚନ୍ଦ୍ରଗିରିଠାରୁ ପ୍ରାୟ ୧୨କି.ମି ଦୂରରେ ଅବସ୍ଥିତ । ସେହି ଗାଁର ୧୦ ଜଣ ମହିଳା ମିଶି ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ମାସିକ ୫୦ ଟଙ୍କା ଲେଖାଏଁ ସଞ୍ଚୟ କରି କାନରା ବ୍ୟାଙ୍କ, ଚନ୍ଦ୍ରଗିରି ଶାଖାରେ ଏକ ସଞ୍ଚୟ ଖାତା ଖୋଲି ଜମାରଖିଥିଲେ । କିଛି ମାସ ନିୟମିତ ସଞ୍ଚୟ କରିବା ପରେ ଏକ କୁକୁଡ଼ା ପାଳନ ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲେ, ଯେଉଁଥିପାଇଁ ଅର୍ଥ ବାଧକ ସାଜିଲା।

ଯେତେବେଳେ ସେମାନେ ଓପିଲିପିର ଗ୍ରାମ ବିକାଶ ସଭାରେ ସେମାନଙ୍କର ଅସହାୟତା ପାଇଁ ହସ୍ତକ୍ଷେପ ଲୋଡିଲେ, ସଉରା ଉନ୍ନୟନ ସଂସ୍ଥା ଓପିଲିପି ଚନ୍ଦ୍ରଗିରି ସେମାନଙ୍କ ଇଚ୍ଛାଶକ୍ତି ଓ ଦୁରଦୃଷ୍ଟି ଦେଖି ୫୦୦ କୁକୁଡ଼ା ବିଶିଷ୍ଟ ଏକ ଅଣ୍ଡାଦିଆ ଫାର୍ମ ପାଇଁ ସିସିଡି ପାଣ୍ଠିରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାପାଇଁ ସହମତି ପ୍ରକାଶ କଲେ। ସ୍ୱୟଂ ସହାୟକ ଦଳର ମହିଳାମାନେ ନିଜସ୍ୱ ପାଣ୍ଠିରୁ ଘର ତିଆରି କରିଥିବା ବେଳେ ଓପିଲିପି, ସଉରା ଉନ୍ନୟନ ସଂସ୍ଥା ର ନିୟମାବଳୀ ଅନୁଯାୟୀ ୫୦୦ଟି ୧୮ ସପ୍ତାହର କୁକୁଡ଼ା, ଜାଲିଘର, ଫିଡର, ଡ୍ରୀଙ୍କର, ଔଷଧ, ଭିଟାମିନ ଇତ୍ୟାଦି ଉପଲବ୍ଧ କରାଇଥିଲେ ।

ପ୍ରାୟ ଏକ ମାସ ମଧ୍ୟରେ ଦୈନିକ ହାରାହାରି ୪୫୦ ଟି ଅଣ୍ଡା ସଂଗ୍ରହ କରିପାରିଲେ ଏବଂ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ସାପ୍ତାହିକ ହାଟରେ ଗୋଟିକ ୫ଟଙ୍କା ଲେଖାଏଁ ମୂଲ୍ୟରେ ବିକ୍ରୀକଲେ।ସବୁ ଖର୍ଚ୍ଚ ବାଦ ଦୈନିକ ପ୍ରାୟ ୬୦୦ ରୁ ୭୦୦ଟଙ୍କା ଲାଭ କରିପାରିଲେ । ପ୍ରତିଦିନ ଗୋଷ୍ଠୀର ୨ ଜଣ ଲେଖାଏଁ ପାଳିକରି ନିୟମିତ ରକ୍ଷଣାବେକ୍ଷଣର ଦାୟିତ୍ୱ ନେଉଛନ୍ତି । ଏବେ ବହୁତ କମ ସମୟ ପରିଶ୍ରମକରି ପ୍ରତିମାସ ୧୮୦୦୦ ରୁ ୨୦୦୦୦ଟଙ୍କା ରୋଜଗାର କରିପାରୁଛନ୍ତି । ଗୋଷ୍ଠୀର ମାଆମାନେ ଅନ୍ୟର ଦିନମଜୁରିଆ କାମ ରେ ଯିବାକୁ ଅନିଚ୍ଛା ପ୍ରକାଶ କଲେଣି । ଆଗାମୀ ଦିନରେ ୧୦୦୦ କୁକୁଡ଼ା ବିଶିଷ୍ଟ ୟୁନିଟକୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି ।

ଏହା ଦେଖି ଆଖପାଖ ଅଞ୍ଚଳର ଲୋକମାନେ କହୁଛନ୍ତି ଶିକୁଳିପଦର ଗାଁର ମେରୀ ମହିଳା ସମିତି ଦଳର ମହଳାମାନେ ଗଜପତି ଜିଲ୍ଲା ଭଳି ପାହାଡ ଜଙ୍ଗଲ ଘେରା ଅଞ୍ଚଳରେ'ପର୍ବତରେ ପଦ୍ମ ଫୁଟେଇ ପାରିଛନ୍ତି"...!



# ଆଦିମ ଜନଜାତିଙ୍କ ପାଇଁ ଏକ ନୂତନ ଉଦ୍ୟୋଗ - କାଗଜ ଖଲି ତିଆରି

ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ଜୀବିକା ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଖଜୁରୀ ଗାଁଟି ବଣ ପାହାଡ଼ ଘେରା । ଏହି ଗାଁରେ ଡଙ୍ଗରିଆ କନ୍ଧ ଆଦିମ ଜନଜାତି ବାସ କରନ୍ତି । ପୂର୍ବରୁ ଏହି ଗାଁରେ ଡଙ୍ଗରିଆ କନ୍ଧ ମହିଳାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ସେମାନେ ସମ୍ପୂର୍ଣ୍ଣ ରୂପେ ଜଙ୍ଗଲ, କୃଷି ଓ ବନ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି । ମୁଖ୍ୟତଃ ଅଦା, କଦଳୀ, ସପୁରୀ ଚାଷ କରନ୍ତି ଓ ଶିଆଳ ପତ୍ର, ମହୁ, ଝୁଣା ଆଦି ସଂଗ୍ରହ କରନ୍ତି ।

ଏହି ସବୁ ଦୃଷ୍ଟିରୁ, ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ବିକାଶ ସଂସ୍ଥା ଜରିଆରେ ଓପିଲିପି ହାତ ବଢାଇଲା. । ସେମାନେ ସେହି ଗାଁର ମହିଳାଙ୍କୁ ଏକାଠି କରି ସେମାନଙ୍କ ସଶକ୍ତିକରଣ ନିମନ୍ତେ "ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ" ନାମରେ ଏକ ଦଳ ଗଠନ କଲେ । ସେମାନଙ୍କୁ କାଗଜ ଥାଳି ତିଆରି କରିବାକୁ ତାଲିମ ଦିଆଗଲା ।




ଏଥିପାଇଁ ସେମାନଙ୍କୁ ୨.୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଗଲା । ସେମାନେ କାଗଜ ଥାଳି କେନ୍ଦ୍ର ସ୍ଥାପନ ପାଇଁ ଯନ୍ତ୍ରପାତି ଓ ଆନୁସଙ୍ଗିକ କିଣିଲେ । କଞ୍ଚାମାଲ୍ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସମାଗ୍ରୀ କ୍ରୟ କଲେ । ପ୍ରଥମେ କମ ପରିମାଣ କାଗଜ ଥାଳି ତିଆରି କଲେ, ଏବଂ ନିୟମିତ କ୍ରେତାକୁ ଯୋଗାଯୋଗ କରି ବିକ୍ରିବଟାର ବ୍ୟବସ୍ଥା କଲେ । ଏହା ଛଡା ନିକଟସ୍ଥ ବଜାରରେ ମଧ୍ୟ ବିକ୍ରି କଲେ । ବର୍ତ୍ତମାନ ସେମାନେ ମାସକୁ ଟ.୨୨,୦୦୦ ରୁ ୨୫,୦୦୦ ଟଙ୍କା ଆୟ କରୁଛନ୍ତି । ଏହି ଲାଭାଂଶରୁ ସେମାନେ ବ୍ୟାଙ୍କ ଋଣ ସମ୍ପୂର୍ଣ୍ଣ ପରିଶୋଧ କରୁଛନ୍ତି । ବର୍ତ୍ତମାନ ସେମାନଙ୍କ ଆର୍ଥିକ ଅବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି ଓ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।

# ଛେଳି ପାଳନ ଦ୍ୱାରା ଜୀବିକା ବିକାଶ - ଯମୁନା ଶବରର ଗାଥା




ଓଡିଶାର ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ବୁରାଢ଼ଲ ପଞ୍ଚାୟତରେ ବଣ ଘେରା କାଶିଖୋଲ ଗାଁରେ ୪୫ ବର୍ଷୀୟ ଯମୁନା ଶବର ନାମକ ଆଦିମ ଜନଜାତି ମହିଳା ବାସ କରନ୍ତି । ତିନୋଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ସହ ସ୍ୱାମୀ ଯୋଗୀ ଶବରଙ୍କୁ ନେଇ ତାଙ୍କ ସଂସାର । ତାଙ୍କର ୪୦ ଡେସିମିଲ ଜମି ଏବଂ ୩୦ ଡେସିମିଲ ସରକାରୀ ଜାଗା ଅନଧୀକୃତ ଭାବେ ଥିଲା । ସମସ୍ତ ପରିବାର କ୍ଷେତରେ କାମ କରନ୍ତି ଓ ଉପଲବ୍ଧ ଅମଳ ୩ମାସରୁ ଅଧିକ ସମୟ ପାଇଁ ଯଥେଷ୍ଟ ହେଉନଥିଲା । ସେମାନଙ୍କର ଜୀବିକା ବିପଦପୂର୍ଣ୍ଣ ଓ ଆହ୍ୱାନପୂର୍ଣ୍ଣ ଥିଲା । ପିଲାମାନେ ସରକାରୀ ବିଦ୍ୟାଳୟ ରେ ପାଠ ପଢ଼ନ୍ତି ଏବଂ ବଡ ଝିଅ ଯୁକ୍ତ୨ ମହାବିଦ୍ୟାଳୟରେ ଅଧ୍ୟୟନରତ । ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ସହ ଅନ୍ୟାନ୍ୟ ଦୈନିକ ଖର୍ଚ୍ଚ ପାଇଁ ବନ୍ଧୁବାନ୍ଧବ ଠାରୁ ଋଣ କରନ୍ତି ଓ ଦରିଦ୍ୟତା ହେତୁ ଅନେକ ସମୟରେ ପରିଶୋଧ କରିପାରନ୍ତି ନାହିଁ ।

ସୌଭାଗ୍ୟ କ୍ରମେ ଗଞ୍ଜାମ ଜିଲ୍ଲାର ଏହି ତୁମ୍ବା ଆଦିମ ଜନଜାତି ଗାଁରେ ତୁମ୍ବା ବିକାଶ ସଂସ୍ଥା ଓପିଲିପ କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହି କାର୍ଯ୍ୟକ୍ରମର ଉଦେଶ୍ୟ ନେଇ ସେହି ଗାଁରେ ଏକ ଗ୍ରାମ୍ୟ ବିକାଶ କମିଟି ଗଠନ ହେଲା । ଯାହାର ନାମ ରହିଲା "ଯୁଗୀରାଇ ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ଗ୍ରାମ୍ୟ ବିକାଶ କମିଟି" ଏବଂ ଏହାର ସଭ୍ୟ ମାନେ ଯମୁନା ଶବରକୁ ପ୍ରଥମ ସଭାନେତ୍ରୀ ଭାବେ ଚୟନ କଲେ ।

ଗ୍ରାମ୍ୟ ବିକାଶ କମିଟିର ସଭାନେତ୍ରୀ ଭାବେ ଯମୁନା ଅତ୍ୟନ୍ତ କର୍ମଠ ଥିଲା ଓ ସେ ତାର କାମ ଭଲ ଭାବରେ କରୁଥିଲା । ଖରିଫ ଚାଷ କାମ ପାଇଁ ତାଙ୍କୁ ଜଣେ ହିତାଧିକାରୀ ଭାବେ ଚୟନ କରାଗଲା ଓ ତାଙ୍କୁ ସମସ୍ତ ପ୍ରକାର କୃଷି ସାମଗ୍ରୀ ଯୋଗାଇ ଦିଆଗଲା । ସେହି ବର୍ଷ ଭଲ ଅମଳ ହେଲା ଏବଂ ଯମୁନା ଉପକାର ପାଇଲା । ଦୁର୍ଭାଗ୍ୟ ବଶତଃ ,ଯମୁନର ସ୍ୱାମୀ ଯୋଗୀ ଶବର ଅନ୍ୟ ଜଣେ ଆଦିବାସୀ ମହିଳାର ପ୍ରେମରେ ପଡି ସମସ୍ତ ପରିବାର ଛାଡି ଚାଲିଗଲେ । ସ୍ୱାମୀ ଛାଡିଗଲା ପରେ ପରିବାରର ସମସ୍ତ ବୋଝ ଯମୁନା ଉପରେ ପଡିଲା । କମ ଜମି ଓ ଅନ୍ୟ ରୋଜଗାର ପନ୍ଥା ନ ଥିବାରୁ ଝିଅ ଲକ୍ଷ୍ମୀ, ତପସ୍ୱିନୀ ,ରଶ୍ମିତା ଓ ଏକମାତ୍ର ପୁତ୍ର ରାହୁଲ ର ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡିଲା । ଦିନେ ସେ ଗ୍ରାମ୍ୟ ବିକାଶ କମିଟିର ସଭାନେତ୍ରୀ ପଦରୁ ହଟିବାକୁ ଚାହିଁଲା ଓ

ଭାଗ ୧/୨

# ଯମୁନା ଶବରର ଗାଥା...

ଜୀବିକା ପାଇଁ ଅନ୍ୟତ୍ର ଯିବାପାଇଁ ମନସ୍ଥ କଲା କିନ୍ତୁ ଅନ୍ୟ ସଭ୍ୟ ମାନଙ୍କର ଅନୁରୋଧ କ୍ରମେ ସେ ପଦତ୍ୟାଗ କରିପାରିଲା ନାହିଁ ।

ଏକା ଗ୍ରାମ୍ୟ ବିକାଶ ସଂଘର ବୈଠକରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ହିତାଧିକାରୀ ଚୟନ ବେଳେ ସଭ୍ୟମାନେ ଯମୁନାର ଦରଖାସ୍ତ ଉପରେ ବିଚାର କଲେ । ତାକୁ ଛାଗ ପାଳନ ପାଇଁ ଚୟନ କଲେ ଏବଂ ୨୦୦୦/- ବୀମା ସହ ଟ.୨୭,୦୦୦/- ର ସହାୟତା ପ୍ରଦାନ କରାଗଲା । ଟ.୨୫,୦୦୦/-ରେ ସେ ୪ ଟି ମାଇ ଛେଳି ଓ ଗୋଟିଏ ବୋଦା କିଣିଲେ । କର୍ମଠ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବିତାଇବା ପାଇଁ ଓପିଲିପ କାର୍ଯ୍ୟକ୍ରମ ଦ୍ୱାରା ସହାୟତା ପ୍ରଦାନ କରାଗଲା ।

ଯଦିଓ ଯମୁନାର ଆର୍ଥିକ ଅବସ୍ଥାରେ ସୁଧାର ଆସୁଥିଲା, କିନ୍ତୁ ୨୦ ବର୍ଷ ବୟସରେ ଝିଅ ତପସ୍ୱିନୀର ଅଜଣା ରୋଗ ରେ ମୃତ୍ୟୁ ହେତୁ, ସେ ମାନସିକ ଆଘାତ ପାଇଲା ଓ ପରିବାର ପାଇଁ ରୋଜଗାର କରିବାକୁ ମନ ନିବେଶ କରିପାରିଲା ନାହିଁ । ଯାହାହେଉ ଇସାରା ଓ ପେଇଲିପ୍ସ ଦଳର ନିୟମିତ ପରାମର୍ଶ ଓ ଦୈନିକ ସହାୟତାରେ ଏକ ନୂଆ ଜୀବନ ଆରମ୍ଭ କଲା । ଇତି ମଧ୍ୟରେ ଜଙ୍ଗଲରେ ୨ ଟି ଛେଳି ହଜିଗଲେ ଓ ବଣୁଆ ଜନ୍ତୁ ଖାଇବାର ସନ୍ଦେହ ହେଲା । ତାର ଝିଅର ଅନ୍ତେଷ୍ଟି କ୍ରିୟା ପାଇଁ , ସେ ୨ ଟି ଛେଳି ବିକିଦେଲା ବର୍ତମାନ ପାଖରେ ୧୦ ଟି ଛେଳି ଅଛି । ୫ ଟି ଛେଳି ରୁ ଆରମ୍ଭ କରି ୩ ବର୍ଷ ମଧ୍ୟରେ ୧୭ ଟି ଛେଳି ହୋଇପାରିଛି । ସେ କ୍ଷୀର ଓ ଘିଅ ବିକି କରି ଟଙ୍କା ରୋଜଗାର କରିଛନ୍ତି | ଏହି ସମୟ ମଧ୍ୟରେ, ସେ ବହୁତ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି | ବର୍ତ୍ତମାନ ସେ ସବୁର ମୁକାବିଲା କରିପାରିବ । ତାର ବଡ଼ଝିଅ ମହାବିଦ୍ୟାଳୟରେ ଅଧ୍ୟୟନ ରତ, ରଶ୍ମିତା ଓ ରାହୁଲ ଗଉଡ଼ୁଣୀ ଆଶ୍ରମ ବିଦ୍ୟାଳୟରେ ଅଧ୍ୟାନରତ ଛାଗ ପାଳନ ରୁ ସେ ଘରର ସବୁ ଖର୍ଚ୍ଚ ତୁଲାଇ ପାରୁଛନ୍ତି ।



# ଏକ କୁଟିଆ କନ୍ଧ ମହିଳାର ସଫଳ ଯାତ୍ରା- ପୋଡୁ ଚାଷରୁ ଦିଲ୍ଲୀ




ବେଲଘର ସ୍ଥିତ କୁଟିଆ କନ୍ଧ ବିକାଶ ସଂସ୍ଥା ଅଧୀନରେ ଥିବା କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ଦେଓଗଡ ଗାଁ ର ପିଟକୁ ମାଝୀ ର ସହ ଧର୍ମିଣୀ ୨୭ ବର୍ଷୀୟ ହେମଲତା ମାଝୀ ଜଣେ କଠିନ ପରିଶ୍ରମୀ ମହିଳା । ସ୍ୱାମୀ ସହ ୧୦ ବର୍ଷ ର ଗୋଟିଏ ଝିଅ ଓ ୮ ବର୍ଷର ଗୋଟିଏ ପୁଅ କୁ ନେଇ ତାଙ୍କର ତେଲ ଲୁଣର ସଂସାର । ସ୍ୱାମୀ ତାଙ୍କର ପୋଡୁ ଚାଷ କରନ୍ତି. । ଛାଗ ପାଳନ ଓ ପଶୁ ପାଳନ ତାଙ୍କର ଅନ୍ୟତମ ଆୟ ଉସ । ତା ୧୨/୦୭/୨୦୨୨ରିଖରେ ସେ ୧୦ ଜଣ ମହିଳାଙ୍କୁ ନେଇ ପିଟାକି ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଏକ ଦଳ ଗଠନ କଲେ । ଆବଶ୍ୟକ ଉସାହ ଅଭାବରୁ ସେହି ଦଳ ୮ ବର୍ଷ ହେଲା ବିଲୁପ୍ତ ଥିଲା । ୨୦୧୭ ରେ ଓଡିଶା ଅଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ମଧ କ୍ଷେପ ଫଳରେ ପିଟାକି ସ୍ୱୟଂ ସହାୟକ ଗୋଷ୍ଠୀ ପୁଣିଥରେ ଜାଗ୍ରତ ହେଲା । ସମସ୍ତେ ଦଳର ଆଗ୍ରହ ଓ ଗଠନ ଭିତ୍ତିକ ମନୋବୃତ୍ତି ଥିବା ସଂକେତ ମହିଳା ହେମଲତା ଠାରୁ ନେତୃତ୍ୱ ନେବାର ଗୁଣ ଦେଖିବାକୁ ପାଇଲେ । ଓପିଲିପ ଙ୍କ ସହ ଯୋଗ ଫଳରେ ପ୍ରଥମେ ସେ ତାଙ୍କର ମଦୁଆ ସ୍ୱାମୀ କୁ ବାଟକୁ ଆଣି ଘରେ ଶାନ୍ତି ପ୍ରତିଷ୍ଠା କଲେ ।

ଛେଳି ପାଳନ ପାଇଁ ସେ ସବୁ ସଭ୍ୟ ମାନଙ୍କୁ ଓପିଲିପ ପାଣ୍ଠିରୁ ଋଣ ନେଇ କାରବାର ଦୃଢ଼ କଲା । କେବଳ ଋଣ ନୁହେ ବରଂ ସମସ୍ତଙ୍କୁ ଆର୍ଥିକ ସ୍ୱାଧୀନତା ପାଇଁ ମାର୍ଗ ଦର୍ଶନ କଲେ ଓ ପରିବାରକୁ ସହାୟତା ଦେବାକୁ କହିଲେ । ଛେଳି ଚାଷ ରେ ୨0000 ଟଙ୍କା ବିନିଯୋଗ କରି ସେ ମାସକୁ ଅତି କମ୍ ରେ ୩000 ଟଙ୍କା ରୋଜଗାର କରି ପାରିଲୋ । ପିଟି ସ୍ୱୟଂ ସହାୟକ ଗୋଷ୍ଠୀର ମଧ ଏକ ତେଲ



ଭାଗ ୧/୨

ନିଷ୍କାସନ ଯନ୍ତ୍ର ଅଛି । ସେ ବର୍ତ୍ତମାନ ବ୍ଲକରେ ଏକ ଜଣାଶୁଣା ମହିଳା । ତାଙ୍କରି ନେତୃତ୍ବରେ ଏକ ପାହାଡ଼ି ଫୁଲ ଝାଡୁ ଉତ୍ପାଦନ ଗୋଷ୍ଠୀ ପ୍ରତିଷ୍ଠା କଲା । ମୋଟ ଉପରେ ସେ ମାସକୁ ଅତି କମରେ ୪000 ଟଙ୍କା ର ସହାୟତା ଦେଉଥିଲେ ।

ନେତ୍ରୀ ଭାବେ ତାର ଦକ୍ଷତା, ବାଗ୍ମୀତା ଓ ସରକାରୀ କର୍ମକର୍ତ୍ତା ଓ ରାଜନେତା ଙ୍କୁ ପ୍ରଭାବିତ କଲା । ମହାମାରୀ ସମୟରେ ସେ ଜଣେ କରୋନା ଯୋଦ୍ଧା ଥିଲା ଓ ଲୋକମାନଙ୍କୁ ସଚେତନ କରାଉଥିଲା । ଦେଓଗଡ ଗ୍ରାମର ଅଧିକାରୀମାନେ ବନ କାମ କିମ୍ବା ପ୍ରାଣୀ ପାଳନ ଉପରେ ନିର୍ଭରଶୀଳ । ତାର ନେତୃତ୍ବରେ ଲୋକମାନେ ଅନ୍ୟାନ୍ୟ ଉତ୍ସ ଯଥା ପନିପରିବା ଚାଷ, ପ୍ରାଣୀ ପାଳନ ଇତ୍ୟାଦିରୁ ଆୟ କରିପାରୁଥିଲେ ।

ତା ୨୪। ୦୧। ୨୦୨୨ ରିଖ ରେ ୪ ଟି ପଞ୍ଚାୟତ ମଧ୍ୟରୁ ପିଟାକି ସ୍ୱୟଂ ସହାୟକ ଗୋଷ୍ଠୀ କୁ ଭୁବନେଶ୍ବରରେ ଆୟୋଜିତ ଆଦିବାସୀ ମେଳାରେ ଭାଗ ନେବା ପାଇଁ ଚୟନ କରାଗଲା ଯେଉଁଥିରେ କି ଆହୁରି ୨0 ଟି ଦଳ ଭାଗ ନେଇଥିଲେ । ହେମଲତା ଷ୍ଟଲ୍ ପରିଚାଳନା, ମୂଲଚାଲ ଓ ଗ୍ରାହକ ଙ୍କୁ ପ୍ରଭାବିତ କରିବାର ଦକ୍ଷତା ଦେଖାଇ ଥିଲା ଓ ନିଜର ବ୍ଲକ ପାଇଁ ଆଦର୍ଶ ହୋଇ ତୃତୀୟ ସ୍ଥାନ ପୁରସ୍କାର ପାଇଥିଲା । ୨୦୨୧ ଆଦିବାସୀ ମେଳା ରେ ସଫଳତା ପାଇବା ପରେ ଶିଶିର ଆଦିବାସୀ ମେଳା ୨୦୨୧ରେ ଭାଗ ନେବା ପାଇଁ ତାଙ୍କୁ ଚୟନ କରାଯାଇଥିଲା ଓ ଏଥି ନିମନ୍ତେ ସେ ଦିଲ୍ଲୀ ଯାଇଥିଲେ ।



# ସଉରା ଆଦିମ ଜନଜାତିର ଜୀବିକା - ମକା ଚାଷ



ଗଜପତି ଜିଲ୍ଲା ମୋହନ ବ୍ଲକର  ବାଘମାରୀ ଏକ ରାଜସ୍ୱ ଗ୍ରାମ |  ଏହି ଗ୍ରାମ ସହିତ ଦୁଇଟି ପଡା ଗ୍ରାମ ଯଥା ଭାଲିଆସାହି ଓ ରାମୁକାସାହି ରହିଛି । ଏହି ଗ୍ରାମରେ ସମସ୍ତ ପରିବାର ସଉରା ଆଦିମ ଜନଜାତି | ଚାଷ ଏବଂ ବନଜାତ ଦ୍ରବ୍ୟ ସଂଗ୍ରହ ସେମାନଙ୍କ ମୁଖ୍ୟ ଜୀବିକା । ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଦୁର୍ବଳ ଏହି ଆଦିମ ଜନଜାତିମାନଙ୍କର ସାମଗ୍ରିକ ଉନ୍ନତି ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଆନ୍ତର୍ଜାତିକ କୃଷି ଉନ୍ନୟନ ପାଣ୍ଠି ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓପିଲିପ କାର୍ଯ୍ୟକ୍ରମ ଏକ ବିଶେଷ ପଦକ୍ଷେପ।

ବାଘମାରୀ ଗ୍ରାମର ସମସ୍ତ ପରିବାର, ବର୍ଷା ଋତୁରେ  ମକା, ଧାନ, ମାଣ୍ଡିଆ, ସହିତ ବିଭିନ୍ନ ପନିପରିବା ଚାଷ କରନ୍ତି । ଏହା ମଧ୍ୟରୁ ମକା ଚାଷକୁ ଅର୍ଥକାରୀ ଫସଲ ଭାବରେ ଚାଷ କରିଥାନ୍ତି | ଚଳିତ ଖରିଫ ଋତୁରେ ଓପେଲିପ ସହାୟତାରେ ୫୦ ରେ ଉନ୍ନତ କିସମ ମକା ଚାଷ କରାଯାଇଛି। ଏଥିରେ ୧୦୦ ଗୋଟି ପରିବାରକୁ ପରିବାର ପିଛା ୦.୫ ଏକର ପାଇଁ ଆବଶ୍ୟକ ଉନ୍ନତ କିସମ ବିହନ, ଜୈବିକ ସାର ଓ ଅଣୁସାର ଇତ୍ୟାଦି ଯୋଗାଇ ଦିଆଯାଇଛି ।ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ କମିଟ ବୈଠକରେ ଆଲୋଚନା କରାଯାଇ ଓପେଲିପି କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତ୍ୱତ୍ତ୍ୱାଧାନରେ ଜମି ପ୍ରସ୍ତୁତି, ବୀଜବପନ, ଘାସ ଦମନ, ରୋଗପୋକ ନିୟନ୍ତ୍ରଣ ଆଦି ଅନ୍ତଃକର୍ଷଣ କାର୍ଯ କରାଯାଉଛି । ରାଷ୍ଟ୍ରୀୟ କୃଷି ବିକାଶ



ଭାଗ ୧/୨

ଯୋଜନାରେ ନିର୍ମାଣ କରାଯାଇଥିବା ଜଳ ସେଚନ ନାଳ ଦ୍ୱାରା ଜମିକୁ ପାଣିଯୋଗାଇ ଦିଆଯାଇଛି ।

ଏହା ସହିତ ଏ ଅଂଚଳରେ ମାଣ୍ଡିଆ ଏକ ମୁଖ୍ୟ ଖାଦ୍ୟ ହୋଇଥିବାରୁ, ୨୦ ଗୋଟି ପରିବାରକୁ ଉନ୍ନତ କିସମ ମାଣ୍ଡିଆ ବିହନ ଯୋଗାଇ ଦିଆଯାଇଛି ।ଶ୍ରୀ ପଦ୍ଧତି ତଥା ଧାଡିରୁଆ ପ୍ରଣାଳୀ ଅବଲମ୍ବନକରି ମାଣ୍ଡିଆ ଚାଷ କରାଯାଉଛି । ଅଧିକ ଅମଳ ମିଳିବାସହ ସରକାର ପ୍ରଦାନ କରୁଥିବା ପ୍ରୋତ୍ସାହନ ରାଶି ଚାଷୀମାନେ କିପରି ପାଇପାରିବେ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପରିବାରର ପୁଷ୍ଟିସାଧନ ନିମନ୍ତେ, ମୋ ବାଡି ଫଳ ବଗିଚା କାର୍ଯ୍ୟକ୍ରମ ଦ୍ୱାରା ଘର ପଛପଟେ ଥିବା ଖାଲି ସ୍ଥାନକୁ କଣ୍ଟାଯୁକ୍ତ ତାରବାଡ ଦ୍ୱାରା ଆବଦ୍ଧ କରାଯାଇ ସେଥିରେ ବିଭିନ୍ନ ଫଳ ଗଛ ଯଥା ନଡିଆ, ଆମ୍ବ, କଦଳୀ, ପିଜୁଳି, ସପେଟା, କମଳା ଆଦି ରୋପଣ କରାଯିବାସହ ଋତୁଭିତ୍ତିକ ପନିପରିବା ଚାଷ କରା ଯାଉଛି । ଓପିଲିପସହାୟତାରେ ସାମଗ୍ରିକ ବିକାଶ ପୂର୍ବକ ସଉରା ଆଦିମ ଜନଜାତିମାନଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସୁଦୃଢକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଓପେଲିପି ତରଫରୁ ପ୍ରୟାସ ଚାଲୁରହିଛି।



ଭାଗ ୨/୨

# ଜୀବିକା ନିମନ୍ତେ ଏକ ସଫଳ ଉପାୟ- ସିଲେଇ ଓ ଦରଜି କାମ




ସମୁଦ୍ର ପତନଠାରୁ ୩୫୦୦ ଫୁଟ ଉପରେ ଥିବା ସୁନାବେଡା ଅଭୟାରଣ୍ୟ କୁନାପାଣି ଗ୍ରାମ୍ୟ ବିକାଶ କମିଟିରେ ୮୭ଟି ଭୂୟାଁ ପରିବାର ଅଛନ୍ତି । ଅଣ ଟିମ୍ବର୍ ଜଙ୍ଗଲ ଜାତ ଦ୍ରବ୍ୟ ଓ କୃଷି ମଜୁରିଆ ଭାବେ କାମ କରି ଜିବିକା ନିର୍ବାହ କରନ୍ତି । ରାଜସ୍ୱ ଗ୍ରାମର 7 କି.ମି. ଦୂରରେ ଅବସ୍ଥିତ ସାହୁପଡ଼ ଗାଁ ରେ ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ଯୋଗେଶ୍ୱର ଛତ୍ରୀୟା ବାସ କରନ୍ତି । ବାସନ୍ତୀ ଛତ୍ରୀୟା ନାମ୍ନୀ ଝିଅର ସିଲେଇ କାମରେ ଜ୍ଞାନ ଥିଲା । ଗାଁ ରେ ସିଲେଇ କାମର ସୁଯୋଗ ଥିଲା ।

ଗ୍ରାମ୍ୟ ବିକାଶ କମିଟି ରେ ଏହି ସମସ୍ୟା ଉପରେ ଆଲୋଚନା କରାଯାଇ ସେହି ଗାଁ ରେ ସିଲେଇ କାମ ପାଇଁ ଚିନ୍ତା କରାଗଲା । ଆର୍ଥିକ ବର୍ଷରେ ଗ୍ରାମ୍ୟ ବିକାଶ ସଂଘର ସଦସ୍ୟମାନେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଅଧୀନରେ ବାସନ୍ତୀର ନାମ ସିଲେଇ ପ୍ରକଳ୍ପ ପାଇଁ ଚୟନ କରି, ଓପିଲିପ କାର୍ଯ୍ୟକ୍ରମର କାର୍ଯ୍ୟକଳାପ ନିର୍ଦ୍ଦେଶ ଙ୍କୁ ଅନୁମୋଦନ ପାଇଁ ପଠେଇଲେ । ଆର୍ଥିକ ବର୍ଷ ୨୦୨୨-୨୩ ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟରେ ତାଙ୍କୁ ୨୭୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହି ଅର୍ଥରେ ସେ ଏକ ସିଲେଇ ଯନ୍ତ୍ର କ୍ରୟ କରି ନୂଆ କପଡ଼ା କାମ କରିବା ସହ ମରାମତି କାମ କଲେ । ପୁଣି ତାଙ୍କୁ ଏକ ସାଇକେଲ ପାଇଁ ସହାୟତା ଦିଆଗଲା, ଯାହାଦ୍ୱାରା ତାର ବାପା ପ୍ରତି ଶୁକ୍ରବାର ସୁନାବେଡ଼ ହାଟକୁ ଯାଇ କପଡା କ୍ରୟ କରନ୍ତି ।

ଆଜିକାଲି ସେ ମାସକୁ ୩୦୦୦-୩୫୦୦ ଟଙ୍କା ରୋଜଗାର କରୁଛନ୍ତି । ଓପିଲିପ କାର୍ଯ୍ୟକ୍ରମ କେବଳ ଆର୍ଥିକ ସହାୟତା ପ୍ରଦାନ କରିନାହିଁ ବରଂ କାମକୁ ସହଜ ସରଳ କରିବା ସହ ଜୀବିକାର ଉନ୍ନତି ଆଣିପାରିଛି ଏବଂ ଓପିଲିପ ସହାୟତା ମାଧ୍ୟମରେ ପରିବାର ସୁଖରେ ଚଳୁଛନ୍ତି ।



# ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ପନ୍ଥା - ତେଜରାତି ଦୋକାନ



ବଡବେଲ ଗ୍ରାମ ଖଇରପୁଟ ବ୍ଲକର ଏକ ଅଭ୍ୟନ୍ତରୀଣ ଭୌଗଳିକ ସ୍ଥିତିରେ ଅବସ୍ଥିତ । ଏହି ଗ୍ରାମରେ 144 ଆଦିମ ଜନଜାତି ପରିବାର ଅତ୍ୟନ୍ତ ଆର୍ଥିକ ଅନାଟନ ମଧ୍ୟରେ ଜୀବନ ନିର୍ବାହ କରୁଛନ୍ତି ।

ଉକ୍ତ ଗ୍ରାମର ଶ୍ରୀ ଶୁକ୍ରା ବଡନାୟକ ଗରିବ ପରିବାରମାନଙ୍କ ମଧ୍ୟରୁ ଅତ୍ୟନ୍ତ ଗରିବ ଅଟନ୍ତି । ପରିବାରରେ ସେ ନିଜେ, ସ୍ତ୍ରୀ ଏବଂ ଦୁଇଟି ପିଲା ଅଛନ୍ତି । ନିଜର ସ୍ୱଳ୍ପ ଖଣ୍ଡିଏ ଡାଙ୍ଗର ଜମିରେ ବର୍ଷାଋତୁରେ କିଛି ଚାଷବାସ କରି ଫସଲ ଅମଳ କରିଲେ ବି ବର୍ଷସାରା ନିଜ ପରିବାରର ଭରଣପୋଷଣ ପାଇଁ ଅତ୍ୟନ୍ତ କଷ୍ଟକର ନିଜର କିଛିଟା ବ୍ୟବସାୟିକ ଜ୍ଞାନ ଥିବାରୁ ସେ ଏକ ବ୍ୟବସାୟ କରିବା ପାଇଁ ମନବଳାଇ ଥିଲେ ମଧ୍ୟ ଅର୍ଥ ଏକ ବାଧକ ସାଜିଥିଲା ।

ଓପିଲିପ ର ପ୍ରକଳ୍ପର ରୋଜଗାର ଭିତ୍ତିକ ପନ୍ଥା ବିଷୟରେ ଜାଣିବା ପରେ ଶ୍ରୀ ଶୁକ୍ରା ବଡନାୟକ ଗ୍ରାମ୍ୟ ଉନ୍ନୟନ କମିଟିକୁ ଦରଖାସ୍ତ ଦେଇ ଆବେଦନ କଲେ । ପରେ ଗ୍ରାମ କମିଟିରେ ତାଙ୍କର ଆବେଦନ ପତ୍ର କୁ ଏକ ରୋଜଗାର ଭିତ୍ତିକ କାର୍ଯ୍ୟପାଇଁ ମଞ୍ଜୁରୀ ଦିଆଗଲା । ଗ୍ରାମ୍ୟ ଉନ୍ନୟନ କମିଟିର ଅନୁମୋଦନ କ୍ରମେ ଶ୍ରୀ ଶୁକ୍ରାଙ୍କୁ ୨୭,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଗଲା । ଏହି ଅର୍ଥରାଶିରେ ସେ ଏକ ତେଜରାତି ଦୋକାନ ଆରମ୍ଭ କଲେ । ସ୍ଥାନୀୟ ଚାହିଦା, ଗ୍ରାମ୍ୟଲୋକଙ୍କ ଦ୍ୱାରା ନିତ୍ୟ ବ୍ୟବହାର ହେଉଥିବା ଜିନିଷ ସବୁ ଦୋକାନରେ ରଖି ବିକ୍ରିବଟା କରିବାକୁ ଲାଗିଲେ । ଏହା ଦ୍ୱାରା ନିଜ ଗ୍ରାମ ସହିତ ଆଖପାଖ ୨ ରୁ ୩ ଗ୍ରାମର ଲୋକମାନେ ଆସି ଏହି ଦୋକାନରୁ ଜିନିଷ କିଣାକିଣି କରୁଛନ୍ତି । ସେ ପ୍ରତିଦିନ ଟ.୧୦୦୦ /- ଠାରୁ ୧୨୦୦ /- ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ଓ ଲାଭାଂଶରେ ନିଜ ପରିବାରର ପ୍ରତିପୋଷଣ କରୁଛନ୍ତି । ବଳକା ରାଶିରେ ଦୋକାନ ସାମଗ୍ରୀ କିଣି, ନିଜର ବ୍ୟବସାୟକୁ ଜାରି ରଖିଛନ୍ତି।





# ଆଦିମ ଜନଜାତି ଅଞ୍ଚଳରେ ସହଜ କରେ ଗମନାଗମନ-ଘାଟି ରାସ୍ତା ନିର୍ମାଣ



ଟାଗାବେଡା ଗ୍ରାମ ଖଇରପୁଟ ବ୍ଲକର ଏକ ଆଭ୍ୟନ୍ତରୀଣ ଭୌଗଳିକ ସ୍ଥିତିରେ ଅବସ୍ଥିତ । ଏହି ଗ୍ରାମରେ ୩୯ ଗୋଟି ଆଦିମ ଜନଜାତି ପରିବାର ଅତ୍ୟନ୍ତ ଆର୍ଥିକ ଅନାଟନ ମଧ୍ୟରେ ଜୀବନ ନିର୍ବାହ କରୁଛନ୍ତି । ଏହି ଗ୍ରାମର ଅଧିବାସୀମାନେ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଆବାହନ ଯୁଗରୁ ବସବାସ କରି ଆସୁଛନ୍ତି । ଏହି ଅଧିବାସୀଙ୍କ ମୁଖ୍ୟ ସମସ୍ୟା ହେଲା ଯାତାୟାତ ପାଇଁ ନିଜ ଗ୍ରାମକୁ ରାସ୍ତାଟିଏ ନାହିଁ । ବର୍ଷ ବର୍ଷ ପୂର୍ବରୁ କେବଳ ପାଦଚଲା ରାସ୍ତାଟିଏ ବ୍ୟତୀତ ଏହି ଗ୍ରାମକୁ ଯାତାୟତ ପାଇଁ କୌଣସି ପ୍ରକାର ସୁବିଧା ନଥିଲା ।

ଏହି ସମସ୍ୟା ଦୂର କରିବା ପାଇଁ ଓପିଲିପ ମାଧ୍ୟମରେ ଗ୍ରାମ ଉନ୍ନୟନ ସଂଘର ନିଷ୍ପତ୍ତି ଅନୁସାରେ ଗ୍ରାମରେ ୨୦୨୦-୨୧ ଆର୍ଥିକ ବର୍ଷରେ ପାଲକାଗୁଡାଠାରୁ ଟାଗାବେଡା ପର୍ଯ୍ୟନ୍ତ ନୂତନ ରାସ୍ତାର କାର୍ଯ୍ୟ ଆରମ୍ଭ କରଯାଇଥିଲା । ପାହାଡ ଓ ପର୍ବତ କାଟି ଘାଟି ରାସ୍ତା ଟିଏ ନିର୍ମାଣ କରାଗଲା । ଦୀର୍ଘ ୫.୫ କିଲୋମିଟର ରାସ୍ତା କେବଳ ପାହାଡ ଓ ପର୍ବତ କାଟି ଟାଗାବେଡା ଗ୍ରାମକୁ ରାସ୍ତା ନିର୍ମାଣ କରାଗଲା ।

ବର୍ତ୍ତମାନ ଟାଗାବେଡା ଗ୍ରାମର ଅଧିବାସୀ ମାନେ ଏବେ ସୁବିଧା ଓ ସହଜରେ ଯାତାୟତ କରିପାରୁଛନ୍ତି । ଲୋକମାନେ ସହଜରେ ଆଖପାଖ ଗ୍ରାମ ସହିତ ପଞ୍ଚାୟତ ଓ ବ୍ଲକ ଅଫିସକୁ ଯିବାଆସିବା କରିପାରୁଛନ୍ତି । ଖଇରପୁଟ ବ୍ଲକ



ଭାଗ ୧/୨

# -ଘାଟି ରାସ୍ତା ନିର୍ମାଣ...

ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ, ମୁଦୁଲିପଡା ମଧ୍ୟ ନୂତନ ନିର୍ମିତ ରାସ୍ତାର ପରିଦର୍ଶନ କରି ସମୟ ସମୟରେ ତଦାରଖ କରୁଛନ୍ତି । ବର୍ଷାଋତୁ ଛାଡି ଅନ୍ୟ ସବୁ ଋତୁରେ ଗାଡି ଚଳାଚଳ ସହଜରେ କରିପାରୁଛି । ବର୍ତ୍ତମାନ ପରିସ୍ଥିରେ ଏହି ରାସ୍ତାଟି ଆଦିମ ଜନଜାତିଙ୍କର ଗମନାଗମନର ପଥକୁ ସୁଗମ ତଥା ଆର୍ଥିକ ମାନଦଣ୍ଡରେ ଓ ଜୀବନ ଜୀବିକରେ ଉନ୍ନତି ଆଣିପାରିଛି । ଏଥି ସହିତ ଗ୍ରାମ ଉନ୍ନୟନ ସଂଘ ପକ୍କା ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରୁଛନ୍ତି ।



ଭାଗ ୨/୨

# ଆଦିମ ଜନଜାତିଙ୍କ ମୁହଁରେ ଫୁଟାଇଛି ହସ -ବ୍ୟବସାୟିକ କଦଳୀ ଚାଷ



ଅନୁଗୋଳ ଜିଲ୍ଲାର ପାଲଲହଡା ବ୍ଲକ ଅନ୍ତର୍ଗତ ସିଗଡ ଗ୍ରାମ ପଞ୍ଚାୟତର ଡିମି ଏକ ରାଜସ୍ୱ ଗ୍ରାମ । ଏହା ଏକ ପାଉଡିଭୂୟାଁ ଜନଜାତିର ଲୋକ ବହୁଳଭାବରେ ବସବାସ କରୁଥିବା ଗ୍ରାମ। ଏହା ପାଲଲହଡା ଠାରୁ ୭କି. ମି ଦୂରରେ ଅବସ୍ଥିତ। ଏହି ଡିମି ଗ୍ରାମରେ ଶ୍ରୀ ଶୁକରୁ ନାୟକ ନାମକ ଜଣେ ୩୫ବର୍ଷୀୟ ପାଉଡିଭୂୟାଁ ସଂପ୍ରଦାୟର ଲୋକ ନିଜର ୭ ଜଣ ପରିବାର ସହିତ ବସବାସ କରନ୍ତି । ଶ୍ରୀ ଶୁକରୁ ବାବୁ ତାଙ୍କର ୧ଏକର ଜମିରେ ପାରମ୍ପରିକ ପଦ୍ଧତିରେ ମୁଖ୍ୟତଃ ପନିପରିବା ଫସଲ ଉତ୍ପାଦନ କରିଥାନ୍ତି।ପନିପରିବା ଫସଲ ପାଖରେ ଥିବା ପାଲଲହଡ଼ା ବଜାର ଓ ଆଖପାଖ ଗାଁରେ ବିକ୍ରି କରନ୍ତି।

ଓପିଲିପ ପ୍ରକଳ୍ପର ଏକ ବୈଠକରେ କଦଳୀ ଚାଷ ବିଷୟରେ ଜାଣିବା ପରେ ସେ ଇଚ୍ଛା ପ୍ରକାଶ କରି ପ୍ରକଳ୍ପରୁ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ । ତାଙ୍କ ଆବେଦନ ଡିମି ଓପିଲିପ ଉନ୍ନୟନ ସଂଘର ସୁପାରିଶ କ୍ରମେ ପାଉଡି ଭୂଇଁୟା ଉନ୍ନୟନ ସଂସ୍ଥା, ଜମରଡିହ ତାଙ୍କୁ ମୋଟ ୫୯୩ ଟିସୁ କଲଚର କଦଳୀ ଚାର ଯୋଗାଇ ଦେଇଥିଲା । ସେ ନିଜର ଜମିକୁ ଭଲକରି ଚାଷକରି ଏବଂ ଏଥିରେ ପଚୁମାଟି, କମ୍ପୋଷ୍ଟ ଦେଇ ଜାନୁୟାରୀ ୨୦୨୦ ରେ ଲଗେଇଥିଲେ । ସେ ଏହାକୁ ଜୈବିକ ଉପାୟରେ ଚାଷ କରିବା ଆରମ୍ଭ କଲେ | ପାଉଡି ଭୂଇଁୟା ଉନ୍ନୟନ



ଭାଗ ୧/୨

ସଂସ୍ଥା, ଜମରଡିହ ପୂର୍ଣ୍ଣ ରୂପେ ସହଯୋଗ କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଶୁକରୁ ବାବୁ କଠିନ ପରିଶ୍ରମ ଏବଂ ଗଛ ଗୁଡିକର ଉପଯୁକ୍ତ ଯତ୍ନ ନେବାରୁ ୧୨ ମାସ ପରେ କଦଳୀ ଗଛରେ ଭଣ୍ଡା ଧରିଥିଲା | ଏହାର ୨ ରୁ ୩ ମାସ ପରେ କଦଳୀ ପାକଳ ହୋଇଥିଲା | ଏହାକୁ ସେ ପାଖରେ ଥିବା ପାଲଲହଡ଼ା ବଜାରରେ ବିକ୍ରି କରିଥିଲେ । ଗୋଟିଏ କଦଳୀ କାନ୍ଧିରେ ୮ ରୁ ୧୦ ଡର୍ଜନ କଦଳୀ ହୋଇଥିବାର ଦେଖି ଖୁସି ହୋଇଥିଲେ । ଡର୍ଜନ କଦଳୀକୁ ୩୫ ରୁ ୪୦ ଟଙ୍କା ହିସାବରେ କାନ୍ଧି ପିଛା ୩୦୦ ଟଙ୍କା ରୁ ୩୫୦ ଟଙ୍କା ହିସାବରେ ବିକ୍ରିକରି ପ୍ରଥମ ବର୍ଷ ୧,୧୦,୦୦୦ ଏବଂ ଦିତୀୟ ବର୍ଷ ୭୦,୦୦୦ ଟଙ୍କାର ଲାଭ ପାଇଥିଲେ ।

ସେ ରୋଜଗାର କରିଥିବା ଟଙ୍କାରୁ ଗୋଟାଏ ବାଇକ କିଣିବା ସହିତ ପିଲାଙ୍କ ପାଠ ପଢା ଖର୍ଚ୍ଚ ଏବଂ ପରିବାରକୁ ଭଲ ଭାବେ ଚଲାଉଛନ୍ତି । ବାକି ବଳକା ଟଙ୍କା ପ୍ରାୟ ୭୦୦୦୦ ରୁ ୮୦୦୦୦ ଟଙ୍କା ବ୍ୟାଙ୍କରେ ଜମା କରିଛନ୍ତି । ଏବେ ଅଧିକ ଜମିରେ କଦଳୀ ଚାଷ କରି ଅଧିକ ଟଙ୍କା ରୋଜଗାର କରିବାକୁ ଆଶା ରଖିଛନ୍ତି।



ଭାଗ ୨/୨

# ଆଦିମ ଜନଜାତି ଅଞ୍ଚଳରେ ଏକ ଉନ୍ନତ ବ୍ୟବସ୍ଥା- ସୌରଚାଳିତ ନଳକୂପ



ଅନୁଗୋଳ ଜିଲ୍ଲାର ବନ୍ଧାଭୂଇଁ ଗ୍ରାମ ପଞ୍ଚାୟତର କୃତିବାସପୁର ଏକ ଗ୍ରାମ । ଏହି ଗ୍ରାମରେ ମୋଟ ୬୦ଟି ପରିବାର ବସବାସ କରନ୍ତି । ଏହା ଏକ ପାହାଡିଆ ଅଞ୍ଚଳ ଅଟେ । ଏହି ଗ୍ରାମର ଲୋକ ମାନେ ମୁଖ୍ୟତ ଚାଷବାସ ଉପରେ ନିର୍ଭର କରି ଚଳିଥାନ୍ତି । ବର୍ଷା ଦିନରେ ଖାଲି ଧାନ ଚାଷ ବ୍ୟତିତ ଅନ୍ୟ ଋତୁରେ ଜଳସେଚନର ଅସୁବିଧା ଲାଗି ଚାଷବାସ କରି ପାରୁନଥିଲେ । ଲୋକମାନଙ୍କର ପ୍ରତ୍ୟେକ ଋତୁରେ ଚାଷ ପାଇଁ ଆଗ୍ରହ ଥିବା ସ୍ୱତେ ଜଳ ସେଚନର ଅସୁବିଧା ଯୋଗୁଁ କୌଣସି ପ୍ରକାର ଚାଷ କରି ପାରୁ ନ ଥିଲେ ଏବଂ ଜମି ସବୁ ପଡିଆ ପଡୁଥିଲା। ଜଳ ସେଚନର ଆବଶ୍ୟକତାକୁ ଉପଲବ୍ଧି କରି କୃତିବାସପୁର ଓପିଲିପ ଗ୍ରାମ୍ୟ ଉନ୍ନୟନ ସଂଘର ପ୍ରସ୍ତାବ କ୍ରମେ, ଗ୍ରାମରେ ଓପିଲିପ ସହାୟତାରେ ଏକ ନଳକୂପଖନନ ସହିତ ସୌରଚାଳିତ ମାଧ୍ୟମରେ ପାଇପ ସଂଯୋଗ କରାଯାଇଛି ଏବଂ ୧୦ ଟି କୁଣ୍ଡ କରି ୧୮ ଏକର ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି । ଯାହା ଦ୍ୱାରା ପୂର୍ବରୁ ଥିବା ଜଳ ସେଚନର ଅସୁବିଧା ଦୂର ହୋଇପାରିଛି । ଗ୍ରାମବାସୀ ମାନେ ସୂର୍ଯ୍ୟ ମୁଖୀ, ମୁଗ, ସୋରିଷ ଏବଂ ଅନ୍ୟାନ୍ୟ ଅର୍ଥକାରୀ ପନିପରିବା ଚାଷ ବର୍ଷସାରା କରିବାର ସୁଯୋଗ ପାଇ ପାରିଛନ୍ତି । ଏଥି ପାଇଁ ଚାଷୀ ମାନେ ବହୁତ ଖୁସି ଅଛନ୍ତି ଏବଂ ସେମାନଙ୍କର ଦୀର୍ଘ ଦିନର ସମସ୍ୟା ଦୂର ହୋଇଛି ।





# ହଳଦୀ ଚାଷରେ ପାଦେ ଆଗରେ- କାଡ୍ରା କାବଣ୍ଡଲି ଗ୍ରାମ



ଓପିଲିପ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କାଡ୍ରା କାବଣ୍ଡଲି ଏକ ଅପହଞ୍ଚ ଜଙ୍ଗଲିଆ ଗାଁ ଭାବରେ ପରିଚିତ ଥିଲା | ଏହି ଗ୍ରାମଠାରୁ ପଥୁରିଆ ପାହାଡିଆ ରାସ୍ତା ଦେଇ ୧୮ କିମି ଚାଲିଚାଲି କଲ୍ୟାଣସିଂହପୁର ବ୍ଲକକୁ ଯିବାକୁ ହୋଇଥାଏ। ସୁନାଖଣ୍ଡି ପଞ୍ଚାୟତର ଏହି ଉପାନ୍ତ ଗାଁ ପାରମ୍ପାରିକ ଡଙ୍ଗର ଚାଷକୁ ଏକ ମାତ୍ର ଜୀବିକା ଭାବେ ଆଧାରକରି ଓ ସରକାରଙ୍କର ଅନ୍ତୋଦୋୟ ଚାଉଳକୁ ପାଥେୟ କରି ବଞ୍ଚିବା ଛଡ଼ା ଅନ୍ୟ କୌଣସି ଉପାୟ ନଥିଲା। ଅନ୍ୟ ସରକାରୀ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହୋଇ ରହୁଥିଲେ କାରଣ ଥରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୧୫ କିମି ଚାଲିଚାଲି ଯିବାକୁ ପଡ଼ିଥାଏ। ନେତା ଓ ସରକାରୀ ଅଫିସରମାନଙ୍କୁ ନିଜର ଅସୁବିଧା ବିଷୟରେ ଅବଗତ କରି ସୁବିଧା ହାତେଇବା ଓ କଥା କହିବାର ଶୈଳୀ ଏମାନଙ୍କୁ ଜଣା ନଥିଲା କିମ୍ବା ସରକାରୀ ଅଫିସର ମାନଙ୍କୁ କିପରି ନିଜର ଦାବି ଉପସ୍ଥାନ କରି କାର୍ଯ୍ୟ ହାସଲ କରିହେବ ସେଥିପାଇଁ ଏମାନଙ୍କର ସାହସ ନ ଥିଲା। ତେଣୁ ଡଙ୍ଗର ଦେବୀ ଦେବତାଙ୍କୁ ଭରସା କରି ଦିନ ବିତାଉ ଥିଲେ ।

ଓପିଲିପ କାର୍ଯ୍ୟକ୍ରମ ଆରମ୍ଭ ପରେ ଗ୍ରାମରେ ନିୟମିତ ସଭା ଓ ଟ୍ରେନିଂ ଆୟୋଜନ କରି ଗ୍ରାମବାସୀ ମାନଙ୍କୁ ଏକଠିତ କରାଗଲା | ସଂଗଠିତ ଭାବେ ଗ୍ରାମରେ ଯୋଜନା ପ୍ରସ୍ତୁତି ଆରମ୍ଭ କରାଯାଇଥିଲା । ଓପିଲିପ ସହାୟତାରେ ୨୦୧୯ -୨୦ ଓ ୨୦୨୧-୨୨ ରେ ଗ୍ରାମରେ ଯୋଜନା ମୁତାବକ ଅଧିକ ଅମଳକ୍ଷମ ହଳଦୀ ବିହନ ଗ୍ରାମର ସମସ୍ତ ପରିବାରଙ୍କୁ ଯୋଗାଇ ଦିଆଗଲା । ପ୍ରତ୍ୟକ





ଚାଷୀ ଏକରୁ ତିନି ଏକର ପର୍ଯ୍ୟନ୍ତ ଅଧିକ ଅମଳକ୍ଷମ ହଳଦୀ ଚାଷ କରିଛନ୍ତି । ସମସ୍ତ ଚାଷୀ ଅଧିକ ଅମଳକ୍ଷମ ହଳଦି ଚାଷ କରି ସବୁ ଚାଷୀ ଅନେକ ଲାଭବାନ ହୋଇପାରିଛନ୍ତି । ଏହାଦ୍ୱାରା ସେମାନେ ନିଜର ଆବଶ୍ୟକତାକୁ ଅନେକ ମାତ୍ରାରେ ପୂରଣ କରିପାରିଛନ୍ତି । ଏହି ହଳଦୀ ଚାଷର ପ୍ରଭାବ ଏବେ ପରିଲକ୍ଷିତ ହେଲାଣି, ଯେପରିକି ଚାଷୀମାନଙ୍କର ରୋଜଗାର ବୃଦ୍ଧି ହେବା, ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବା, ହଳଦୀ ସହ ଅନ୍ୟ ଅର୍ଥକାରୀ ଫସଲ ଚାଷ କରିବାକୁ ପ୍ରୟାସ କରିବା, ଅଖାପାଖ ଗ୍ରାମର ଚାଷୀମାନେ ଏହି ଚାଷବାସ କରିବାକୁ ଆଗ୍ରହୀ ହେବା, ଇତ୍ୟାଦି ସମ୍ଭବ ହୋଇପାରିଛି ।

# ଡ଼ଙ୍ଗରିଆଙ୍କର ଏକ ବ୍ୟବସାୟିକ ଚାଷ -ସପୁରି ଚାଷ



ପାକେରି ଗ୍ରାମ ପାର୍ଶାଲି ପଞ୍ଚାୟତର ଏ ପର୍ଯ୍ୟନ୍ତ ଏକ ଅପହଞ୍ଚ ଇଲାକା ଭାବେ ରହିଆସିଛି ଯାହା କେସିଂ ପୁର ଠାରୁ ୧୫ କିମି ଦୂରରେ ଅବସ୍ଥିତ ପର୍ଶାଲୀ ପଞ୍ଚାୟତର ଏହି ଗ୍ରାମଟି ସବୁଠୁ ବଡ଼ ଗ୍ରାମ ଅଟେ। ଏଠାରେ ୬୬ ଘର ଡଙ୍ଗରିଆ କନ୍ଧ ଆଦିମ ଜନଜାତି ସମ୍ପ୍ରଦାୟର ପରିବାର ବାସ କରନ୍ତି। ଏମାନଙ୍କର ମୁଖ୍ୟ ଜୀବିକା ହେଲା ପାରମ୍ପରିକ ଭାବରେ ଡଙ୍ଗର ଚାଷ କରିବା।ଏହି ଗ୍ରାମର ସମସ୍ତେ କଠୋର ପରିଶ୍ରମ କରି ସପୁରୀ, କଦଳୀ, କମଳା, ଲେମ୍ବୁ, ଅଦା ଓ ହଳଦୀ ଚାଷ କରନ୍ତି । ତନ୍ମଧ୍ଯରୁ ସପୁରୀ ଚାଷ ପ୍ରଧାନ ଫସଲ ଅଟେ।ପୂର୍ବରୁ ଏହି ଗ୍ରାମରେ କମ୍ ପରିମାଣର ସପୁରୀ ଚାଷ କରୁଥିଲେ। ଓପିଲିପ କାମ ଆରମ୍ଭପରେ ଅଧିକପରିମାଣର ସପୁରୀ ପୁଆ ଯୋଗାଇ ଦିଆଯାଇଥିଲା। ପାଖାପାଖି ଦଶ ହେକ୍ଟର ଜମିରେ ସପୁରୀ ଚାଷ କରିବା ପାଇଁ ପ୍ରୋସାହିତ କରାଯାଇଥିଲା | ୨୦୧୯-୨୦ ଓ୨୦୨୧-୨୨ ମସିହା ରେ ପ୍ରତ୍ୟେକ ପରିବାର ୧ ଏକରରୁ ପାଞ୍ଚ ଏକର ପର୍ଯ୍ୟନ୍ତ ଚାଷ କରିଲେ ।ଏ ବର୍ଷ ପ୍ରାୟ ତିରିଶି ଗାଡ଼ି ସପୁରୀ ବଜାରରେ ବିକ୍ରୟ କରିଛନ୍ତି | ପ୍ରତ୍ୟେକ ପରିବାର ଦଶ ହଜାରରୁ କୋଡ଼ିଏ ହଜାର ଟଙ୍କା ରୋଜଗାର କରି ପାରିଛନ୍ତି |ଏହା ସେମାନଙ୍କର ଆର୍ଥିକ ଉନ୍ନତି ରେ ସହାୟ ହୋଇ ପାରିଛି। ଓପିଲିପର ଏହା ପ୍ରୟାସରେ ସମସ୍ତେ ଖୁସି ହୋଇଛନ୍ତି | ପ୍ରତ୍ୟେକ ପରିବାର ବାର୍ଷିକ ଯୋଜନାରେ ସାମିଲ୍ ହୋଇ ଗ୍ରାମର ଉନ୍ନତି ପାଇଁ ଚେଷ୍ଟା ଅବ୍ୟାହତ ରଖିଛନ୍ତି।



# ପରିବାର ପୋଷଣର ଏକ ମାଧ୍ୟମ - କିରାଣା ଦୋକାନ



ଲବର ଇତ ଜଣେ ଦିବ୍ୟାଙ୍ଗ | ସେ ଆବସିଂ ଗ୍ରାମରେ ବସବାସ କରନ୍ତି । ତାଙ୍କ ପରିବାରରେ ବିଧବା ମା ସହିତ ମୋଟ ୧୩ ଜଣ ତାଙ୍କ ଉପରେ ନିର୍ଭର କରନ୍ତି । ଏହି ଆବସିଂ ଗ୍ରାମରେ ଘର ସଂଖ୍ୟା ୫୨ । ଲବର ଇତ ଆର୍ଥିକ ବର୍ଷ ୨୦୧୪-୧୫ ରେ ମୁମ୍ବାଇ ଯାଇଥିଲେ ସେଠାରେ ଦିନମଜୁରିଆ ଭାବରେ କାମ କରୁଥିବା ସମୟରେ ଛାତ ଉପରୁ ତଳକୁ ପଡି ତାଙ୍କର ଅଂଟା ଓ ଗୋଡ ଭାଙ୍ଗି ଯାଇଥିଲା | ଅପେରସନ ହେବା ପରେ ତାଙ୍କ ବସିବା ଉଠିବାରେ ଅସୁବିଧା ହେଉଥିଲା | କୌଣସି ରୋଜଗାର ନ ପାଇ ବେକାରୀ ହୋଇ ଗୃହରେ ବସିଥିଲେ | ଏଭଳି ଦୁଃଖଦାୟକ ପରିସ୍ଥିତିରେ ୨୦୧୭ ମସିହାରେ LSDA ସେରଙ୍ଗ MPA ରେ ଓପେଲିପି ପ୍ରକଳ୍ପ ସହଯୋଗୀ ସଂସ୍ଥା ଜନକଲ୍ୟାଣ ପ୍ରତିଷ୍ଠାନ ସହିତ କାର୍ଯ୍ୟ ଆରମ୍ଭ କରାଗଲା । ଗ୍ରାମ ଭିଡିଏ ବୈଠକ କରାଯାଇ ପଞ୍ଚ ବାର୍ଷିକ ଯୋଜନାରେ ଦିବ୍ୟାଙ୍ଗ ଭାବେ ଚିହ୍ନଟ କରାଗଲା | ଲବାର ଇତ ନିଜର ଆୟଜନିତ ପନ୍ଥା ନିମନ୍ତେ ଭିଡଏକୁ କିରାଣା ଦୋକାନ ପାଇଁ ଏକ ଦରଖାସ୍ତ ସହିତ ଆବେଦନ କରିଥିଲେ | ତାଙ୍କର ଦରଖାସ୍ତକୁ ଅନୁମୋଦନ କରାଗଲା । ଆର୍ଥିକ ବର୍ଷ ଯୋଜନା ୨୦୧୯-



ଭାଗ ୧/୨

୨୦ ରେ ରୋଜଗାର ଭିତ୍ତିକ ପନ୍ଥା ଅଧିନରେ ତାଙ୍କୁ ରାଶି ଟ.୩୦୦୦୦ଙ୍କା ସହାୟତା ରାଶି ଦିଆଗଲା । ସେ ନିଜର ଶ୍ରମ ଦାନରେ ଦୋକାନ ପାଇଁ ଘରଟିଏ କରି ଜିନିଷ କିଣିଆଣି ବିକ୍ରି କରୁଛି । ସେଥିରୁ ପ୍ରତିଦିନ ୧୫୦୦ ରୁ ୨୦୦୦ଟଙ୍କାର ବିକ୍ରି କରୁଛନ୍ତି ଓ ତା ମଧ୍ୟରୁ ସେ ୪୦୦ –୫୦୦ ଟଙ୍କା ଲାଭ କରି ପାରୁଛି । ମାସକୁ ୧୨୦୦୦ ରୁ ୧୫୦୦୦ ଟଙ୍କା ରୋଜଗାର କରି ନିଜ ପରିବାରକୁ ପ୍ରତିପୋଷଣ କରିବାରେ ସକ୍ଷମ ହୋଇପାରିଛନ୍ତି ।ଏହି ରୋଜଗାରରୁ ପରିବାର ଚଳିବା ସହିତ ନିଜେ ରହିବା ପାଇଁ ନୂଆ ଘର ତିଆରି କରିଛନ୍ତି । ପ୍ରତିଦିନ ବିଭିନ୍ନ ପ୍ରକାରର ରାସନ ସାମଗ୍ରୀ ବିକ୍ରୟ କରି ଲାଭବାନ ହୋଇ ପାରୁଛନ୍ତି । ସହଯୋଗର ହାତ ବଢାଇ ଥିବାରୁ ସେ ଏଥି ପାଇଁ ଓପେଲିପି ପ୍ରକଳ୍ପକୁ ଧନ୍ୟବାଦ ଜଣେଇଛନ୍ତି ।



ଭାଗ ୨/୨

# ଏକ ସଫଳ ଯୋଜନା ରୂପାୟନର ଗାଁ - ଖଣ୍ଡିଆଧର



ମୟୂରଭଞ୍ଜ ଜିଲ୍ଲାର ବଡ଼ଗାଁ ଗ୍ରାମ ପଞ୍ଚାୟତର ଖଣ୍ଡିଆଧର ଏକ ଗ୍ରାମ । ଏହି ଗ୍ରାମରେ ଖଡ଼ିଆ ସମ୍ପ୍ରଦାୟ ଜାତି ର ଲୋକ ବସବାସ କରନ୍ତି । ଏହି ଗ୍ରାମଟି ଶିମିଳିପାଳ ଅଭୟାରଣ୍ୟ ଜଙ୍ଗଲ ରୁ ସରକାର ବିସ୍ଥାପିତ କରି ଖଣ୍ଡିଆଧର ଗାଁରେ ଅବସ୍ଥାପିତ କରାଯାଇଛି. ଏଠାରେ 44 ଘର ଖଡ଼ିଆ ସମ୍ପ୍ରଦାୟ ର ପରିବାର ରହନ୍ତି ଓ ହୋ ସମ୍ପ୍ରଦାୟ ର 36 ପରିବାର ବସ ବାସ କରୁଛନ୍ତି . ଯେହେତୁ ଏହି ଗାଁ ଟି ବିସ୍ଥାପିତ ହୋଇଛି ଏଠାରେ କେବଳ ସ୍କୁଲ ଗୃହ ବ୍ୟତୀତ ଅନ୍ୟ କୌଣସି ସରକାରୀ ଅନୁଷ୍ଠାନ ନାହିଁ । ସେହି ଦୃଷ୍ଟିରୁ ଏହି ଗ୍ରାମର ପ୍ରସ୍ତାବ ଅନୁସାରେ ସେମାନଙ୍କର ପାଇଁ ଗୋଟିଏ କଂକ୍ରିଟ ଖଳା ତିଆରି ହୋଇଛି । ଏଥିରେ ବନଜାତ ଦ୍ରବ୍ୟ, କୃଷି ଜାତ ଦ୍ରବ୍ୟ ଶୁଖାଇବା କାମ କରି ପାରିବେ, ଗାଁରେ ସଭା, ଟ୍ରେନିଂ କରିବା ପାଇଁ ଗୋଟିଏ ଗୋଷ୍ଠୀ ଗୃହ ୨୦୨୨-୨୩ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଛି । ଏହା ସହିତ ଗାଈ ବଳଦ ମାନଙ୍କୁ ଟୀକା କରଣ ଓ ଚିକିତ୍ସା ନିମନ୍ତେ ଗୋଟିଏ ଟ୍ରାଭିସ୍ ସ୍ଥାପନ କରାଯାଇଛି । ସେହି ପରି ବାଡି ବଗିଚାରେ ଚାଷ କରିବା ନିମନ୍ତେ କ୍ଷେତରେ ଚାଷ ପାଇଁ ଓ ପିଇବା ପାଣି ର ସୁବିଧା ଗୋଟିଏ ନଳକୂପ ଓ ଜଳ ସେଚନ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ସବୁ କାମ କରିବା ପାଇଁ ଗାଁ ତରଫରୁ ପ୍ରସ୍ତାବ ଗ୍ରାମ ଉନ୍ନୟନ ସଂଘ ମାଧ୍ୟମ ରେ ପାହାଡି ଖଡ଼ିଆ ଓ ମାଙ୍କିଡିଆ ଉନ୍ନୟନ ସଂସ୍ଥା କୁ ଦିଆଯାଇଥିଲା । ଉକ୍ତ ପ୍ରସ୍ତାବକୁ ଭିତ୍ତି କରି ଓପିଲିପ ମାଧ୍ୟମରେ ଅନେକ ପ୍ରକାର କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି । ଯାହାକି ସେ ପରିବାରର ଗୋଟିଏ ସମ୍ପଦ ହେବା ସହିତ ପ୍ରତ୍ୟେକ ଦିନ ପରିବାର ପ୍ରତିପୋଷଣ ପାଇଁ ସହାୟକ ହୋଇପାରିଛି ।





# ଆଦିମ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ବ୍ୟବସ୍ଥା : ସୌର ଚାଳିତ ପାଣି ପମ୍ପ



ଗ୍ରାମ ପୂର୍ଣ୍ଣଚନ୍ଦ୍ରପୁର (୧), ଜୁଆଳି ଭଙ୍ଗାପଂଚାୟତର ମୋରଡା ବ୍ଲକରେ ଅବସ୍ଥିତ।ଏହା ଲୋଧା ଉନ୍ନୟନ ସଂସ୍ଥା ପ୍ରକଳ୍ପ କାର୍ଯ୍ୟାଳୟ ଠାରୁ ୧୫ କିଲୋ ମିଟର ଦୂରରେ ଅବସ୍ଥିତ।ଏହି ଗ୍ରାମର ସମୁଦାୟ ଲୋଧା ପରିବାର ସଂଖ୍ୟା-୧୫୬ । ଏମାନେ ଗୋଟିଏ ସ୍ଥାନରେ ଏକତ୍ରିତ ନରହି ବିଭିନ୍ନ ସ୍ଥାନରେ ସାହିକରି ବସବାସ କରନ୍ତି । ଏଥି ମଧ୍ୟରୁ ନିମାଁଇ ସାହି ଗୋଟିଏ ଯେଉଁଥିରେକି ପିଇବା ପାଣିର ବହୁତ ସମସ୍ୟା ଥିଲା । ପଞ୍ଚାଯତ ତରଫରୁ ସୋଲାର ପାଣି ଟାଙ୍କିର ବ୍ୟବସ୍ଥା ବହୁତ ଦିନରୁ ଥିଲେ ମଧ୍ୟ ଏହା ଅନେକ ମାସ ଧରି ଅଚଳା ଅବସ୍ଥାରେ ପଡି ରହିଥିଲା ।

ଫଳରେ ଲୋକମାନେ ୩ କିଲୋ ମିଟର ପର୍ଯ୍ୟନ୍ତ ଚାଲିଚାଲି ଯାଇ ପଞ୍ଚାଯତର ଏକ କୂଅରୁ ପାଣି ଆଣି ବ୍ୟବହାର କରୁଥିଲେ । ଏହି କୂଅର ପାଣି ବ୍ୟବହାର ପାଇଁ ଉପଯୁକ୍ତ ନଥିଲେ ମଧ୍ୟ ଏମାନେ ବାଧ୍ୟ ହୋଇ ବ୍ୟବହାର କରୁଥିଲେ । ସେଥି ପାଇଁ ଗ୍ରାମରେ ଗଠନ ହୋଇଥିବା ଓପିଲିପି ଗ୍ରାମ୍ୟ ଉନ୍ନୟନ କମିଟିରେ ପିଇବା ପାଣିର ସମସ୍ୟା ବିଷୟରେ ଆଲୋଚନା କରାଗଲା । ଯାହାଦ୍ୱାରା ଗ୍ରାମ ବିକାଶ କମିଟି ତାର ବାର୍ଷିକ କାର୍ଯ୍ୟ ଯୋଜନାରେ ଏହାର ୨୦୨୨-୨୩ ଆର୍ଥିକ ବ୍ୟବସ୍ଥାରେ ରଖିଥିଲା । ଏହି ବର୍ଷ ଓପିଲିପି ତରଫରୁ ଏହି ସାହିରେ ନୂତନ ନଳକୂପ ଖନନ କରାଯାଇ ସେଥିରେ ସୋଲାର ସାହାଯ୍ୟରେ ଉଠା ପାନୀୟଜଳର ବ୍ୟବସ୍ଥା କରାଯାଇ ଅଛି । ଏଥି ସହିତ ନିମାଇ ସାହିର ୨୪ ପରିବାରକୁ ଘରକୁ ଘର ପାନୀୟ ଜଳ ପାଇପ ଲାଇନ ଯୋଗେ ଯୋଗାଇ ଦିଆଗଲା ।



ଭାଗ ୧/୨

ଏହି ବ୍ୟବସ୍ଥା ଓପିଲିପି ତରଫରୁ ହେବା ଦ୍ୱାରା ଲୋକମାନେ ୩ କିଲୋ ମିଟର ଦୂର ଚାଲିଚାଲି ପାଣି ଆଣିବା ପାଇଁ ଯାଉଥିଲେ ତାହା ନଯାଇ ଘର ସମ୍ମୁଖରୁ ହିଁ ପିଇବା ପାଣି ପାଇ ପାରୁଛନ୍ତି । ଏହାର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ବ୍ୟବହାରିକ ଜଳ ଗଠନ କରାଯାଇ ଅଛି । ମାସକୁ ମାସ ନିଜେ ସ୍ଥିର କରିଥିବା ଅର୍ଥ ସଂଗ୍ରହ କରୁଛନ୍ତି । ପାନୀୟ ଜଳ ଉପଭୋକ୍ତା ଦେୟ ନାମରେ ବ୍ୟାଙ୍କରେ ଏକ ଖାତା ଖୋଲି ସେଥିରେ ଜମା କରୁଛନ୍ତି ଯାହା ଫଳରେ ସେଥିରୁ ପାନୀୟ ଜଳ ପାଇପ କାର୍ଯ୍ୟକୁ ଭବିଷ୍ୟତରେ ମରାମତି ପାଇଁ ଅର୍ଥ ଯୋଗାଡ ହୋଇପାରିବ । ଦୀର୍ଘଦିନର ଜଳ କଷ୍ଟ ଦୂର ହୋଇଥିବାରୁ, ନିମାଇ ସାହିର ବାସିନ୍ଦାମାନେ ଖୁସିବ୍ୟକ୍ତ କରୁଛନ୍ତି, ଏଥିପାଇଁ ସେମାନେ ଓପିଲିପି ଓ ଏହାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି।



ଭାଗ ୨/୨

# ଏକ ସଫଳ ଉଦ୍ୟୋଗ- ମିଶନ ଶକ୍ତି କାଫେ



ଲାଞ୍ଜିଗଡ଼ ବଜାର ପ୍ରାଙ୍ଗଣରେ ମିଶନ ଶକ୍ତି କାଫେ ଲାଞ୍ଜିଗଡ କୃଷକ ଉନ୍ନୟନ ଦଳ ଦ୍ବାରା ସଫଳ ରୂପେ ଚାଲୁ ଅଛି। ଏହି ମିଶନ ଶକ୍ତିର କାଫେ ପାଇଁ ଓପିଲିପ-KKDA, ସହାୟତା ପ୍ରଦାନ କରିଛନ୍ତି। ଉକ୍ତ କାଫେକୁ 5ଟି ଗ୍ରୁପ୍ ମିଶିକରି ପରିଚାଳନା କରୁଛନ୍ତି । ଏଥିପାଇଁ ଦ୍ବିପହର ସମୟରେ ଗୋଟିଏ ଟିମ୍ ଏବଂ ରାତ୍ରି ଭୋଜନ ପାଇଁ ଅନ୍ୟ ଏକ ଟିମ୍ ପାଳି କରି ମହିଳାମାନେ କାର୍ଯ୍ୟ ଚଳାଉଛନ୍ତି । ଉତ୍ତମ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ଏକ ରୋଷେଇୟା ମଧ୍ୟ ନିଯୁକ୍ତି କରାଯାଇଛି ଏବଂ ଉତ୍ତମ ଖାଦ୍ୟ ପ୍ରସ୍ତୁତି ମହିଳାମାନେ ଶିଖିଛନ୍ତି । ପ୍ରତିଦିନ କଫେ ବନ୍ଦ କଲା ପରେ ସମସ୍ତ ଜିନିଷ ସଫା ସୁତୁରା କରି ସାଇତି



ରଖିବା ପରେ ମହିଳା ସଦସ୍ୟମାନେ ନିଜ ନିଜ ଘରକୁ ଯାଆନ୍ତି । ସଦସ୍ୟମାନେ ସାପ୍ତାହିକ ବଜାର କରୁଛନ୍ତି ଏବଂ ଜିନିଷ ସରିଲା ପରେ ପୁନଃ ଜିନିଷ କିଣୁଛନ୍ତି । ସାପ୍ତାହିକ ବୈଠକ ବସୁଛନ୍ତି ଏବଂ କାଫେର କ୍ରୟ ବିକ୍ରୟ ଲାଭାଂଶ ବାବଦରେ ଆଲୋଚନା କରୁଛନ୍ତି । ଏହି କାଫେ ପରିଚାଳନାରେ ଗ୍ରାମକୁ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ ଓ ବେସରକାରୀ ସଂସ୍ଥାକର୍ମ କର୍ତ୍ତା ସହଯୋଗ କରୁଛନ୍ତି। ମିଶନ ଶକ୍ତି କାଫେ, ଲାଞ୍ଜିଗଡ ଅଞ୍ଚଳ କୁଟିଆ କନ୍ଧ ମା ମାନଙ୍କୁ ନେଇ ବହୁତ ଭଲ ଭାବରେ ଚାଲୁଅଛି।

ଯେହେତୁ ଏଠାରେ ବେଦାନ୍ତ କମ୍ପାନୀ ଅଛି, ସନ୍ଧ୍ୟା ସମୟରେ କମ୍ପାନୀ staff ମାନଙ୍କ ଫାଷ୍ଟ ଫୁଡ୍ ବ୍ୟବସାୟ ଚାଲିଅଛି ।



# ଆଦିମ ଜନଜାତିଙ୍କର ଏକ ନୂତନ ଆଶା – ବିଶୋଧିତ ଝରଣା ପାଣି



ପାହାଡ ଉପରୁ ବୋହି ଆସୁଥିବା ଝରଣା ପାଣିକୁ ପାଇପ ଯୋଗେ ଗାଁକୁ ଆଣି ସଂରକ୍ଷିତ କରାଯାଉଛି ଓ ଏହାକୁ ବିଶୋଧିତ କରି ଜନବସତି ନିକଟରେ ପ୍ରତ୍ୟେକ ପରିବାର ଗୃହ ସାମ୍ନାରେ ପାନୀୟଜଳ ପାଇପ୍ ଯୋଗେ ଯୋଗାଇ ଦିଆ ଯାଉଛି । ସବୁଠାରୁ ଉଲେଖନୀୟ ବିଷୟ ହେଉଛି ଏଥିପାଇଁ ବିଦ୍ୟୁତଶକ୍ତି କିମ୍ବା ଇନ୍ଧନର କୌଣସି ଆବଶ୍ୟକତା ପଡୁନାହିଁ ।

ଗୁଣପୁର ବ୍ଲକର ଶଗଡା ଗ୍ରାମ ପଞ୍ଚାଯତ ଅଧିନସ୍ଥ ଏକ ପାହଡର ଶିଖରରେ ରହିଥିବା ଗ୍ରାମ ହେଉଛି ରୁଙ୍ଗୁ ରୁଙ୍ଗୁବା । ଏହି ଗ୍ରାମ ଆଦିବାସୀ ଅଧ୍ୟୁଷିତ ଏବଂ ଏଠାରେ ୪୨ ଆଦିବାସୀ ପରିବାର ବସବାସ କରିଥାନ୍ତି । ଗ୍ରାମରେ ପାନୀୟ ଜଳ ସଂକଟ ଏକ ପ୍ରଧାନ ସମସ୍ୟା । ପଥୁରିଆ ମାଟିରେ ଜଳସ୍ତର ଖୁବ ତଳେ ଥିବା ଯୋଗୁ ସେଠାରେ କୂଅ ଖୋଳିବା କିମ୍ବା ନଳକୂପ ବସାଇବା ସମ୍ଭବ ହୋଇ ପାରୁ ନଥିଲା । ତେଣୁ ସେମାନେ ପିଇବା ପାଣି ପାଇଁ ମାଇଲ ମାଇଲ ବାଟ ପାହାଡ ଉପରେ ଚାଲି ଚାଲି ଯାଉଥିଲେ । ବିଶେଷତଃ ମହିଳା ଓ ଯୁବତୀମାନଙ୍କୁ ବହୁତ କଷ୍ଟ ସହି ପାନୀୟ ଜଳ ସଂଗ୍ରହ କରୁଥିଲେ । ଏହି ସମସ୍ୟାକୁ ଦୂର କରିବା ପାଇଁ ଝରଣା ପାଣିକୁ ଗ୍ରାଭିଟି ଫ୍ଲୋ ଜଳ ଯୋଗାଣ ପଦ୍ଧତିରେ ସଂଗ୍ରହ କରି ପାହାଡ ଉପରୁ ପାଇପ ଯୋଗେ ଗାଁକୁ ଆଣିବା ପାଇଁ ଓପିଲିପି ପ୍ରକଳ୍ପ ତରଫରୁ ଗଠନ ହୋଇଥିବା ତାରବେଲ ଗ୍ରାମ ବିକାଶ ସଂଘ ବୈଠକ କରାଯାଇ ପ୍ରସ୍ତାବ ଦିଆଯାଇଥିଲା । ଏହି ଝରଣା ପାଣି ୮୫୦ ମିଟର ପାଇପଦ୍ୱାରା ପାହାଡରୁ ପ୍ରତ୍ୟକ ପରିବାରକୁ ସଂଯୋଗ କରା ଯାଇଥିଲା



ଭାଗ ୧/୨

କେବଳ ଓପିଲିପି ୪ ଲକ୍ଷ ଦେଇଥିବା ସତ୍ତ୍ୱେ ଗ୍ରାମବାସୀ ଶ୍ରମଦାନ ହିସାବରେ ଅତି ଆଗ୍ରହ ସହିତ ୧,୦୫,୦୦୦ ଟଙ୍କା ଦେଇଥିଲେ । ଏ ସମସ୍ୟା ବିଷୟ ଗ୍ରାମ୍ୟ ବୈଠକରେ ଆଲୋଚନା କରି ଏମ ପି ଏ ତରଫରୁ ଆର୍ଥିକ ବର୍ଷ ୨୦୨୦-୨୧ ରେ ୫,୦୫,୦୦୦ ଲକ୍ଷ ଟଙ୍କାର ଅନୁଦାନ ରଖାଗଲା । ଏହି ଅର୍ଥରେ ଦୂରେରେ ଥିବା ଝରଣା ରୁ ପାଣିକୁ ମାଧ୍ୟାକର୍ଷଣ ଫ୍ଲୋ ଜଳ ଯୋଗାଣ ପଦ୍ଧତିରେ ସଂଗ୍ରହ କରି ପାହାଡ ଠାରୁ ପାଇପ ଯୋଗେ ଗାଁକୁ ଆଣି ବିଶୋଧନ କରି ଯୋଗାଇ ଦିଆଯାଉଛି ।

ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ପାଣି ସର୍ବଦା ସ୍ୱତଃ ଭାବେ ତଳକୁ ଗଡି ଆସିଥାଏ । ତେଣୁ ଏଥିପାଇଁ କୌଣସି ପମ୍ପର ଆବଶ୍ୟକତା ପଡୁ ନାହିଁ । ପାହାଡ ଉପରୁ ପାଇପିରେ ତଳକୁ ଗଡି ଆସି ପାଞ୍ଚ ହଜାର ଲିଟର କ୍ଷମତା ବିଶିଷ୍ଟ ବଡ ଟାଙ୍କିରେ ଜମା ହୋଇ ରହୁଛି । ତପ୍ରେ ଟାଙ୍କିର ବିଶୋଧିତ ଜଳକୁ ଜନବସତି ପାଖରେ ଥିବା ପାଣିକଳ ଗୁଡିକୁ ପାଇପିରେ ସଂଯୋଗ କରାଯାଇଛି । ଏହା ଫଳରେ ଗାଁ ଲୋକେ ସବୁ ସମୟରେ ନିରାପଦ ପିଇବା ପାଣି ପାଇ ବହୁତ ଖୁସି ଜାହିର କରୁ ଅଛନ୍ତି । ଘର ପାଖରେ ପିଇବା ପାଣି ପାଇବା ପରେ ପାନୀୟ ଜଳର ସଙ୍କଟ ଦୂର ହେବ ସହ ଏଠାକାର ଆଦିବାସୀଙ୍କ ଜୀବନ ଜୀବିକା ରେ ମଧ୍ୟ ଉନ୍ନତି ପରିଲିକ୍ଷିତ ହୋଇଛି । ବଳକା ପାଣିର ଉପଯୋଗ କରି ଏବେ ମହିଳା ମାନେ ଘର ବାଡି ବଗିଚାରେ ଓପିଲିପି ଦ୍ୱାରା ଦିଆ ଯାଉଥିବା ବିହନରେ ପନିପାରିବା ଚାଷ କରି ପାରୁଛନ୍ତି । ପୂର୍ବରୁ ଅନେକ ଲୋକ ବିଶେଷତଃ ଛୋଟ ବଡ ପିଲା ଦୂଷିତ ପାଣି ଯୋଗୁଁ ବିଭିନ୍ନ ରୋଗରେ ଯେପରି ଆକ୍ରାନ୍ତ ହେଉଥିଲେ ,ଏବେ ଆଉ ସେ ଅବସ୍ଥା ନହିଁ । ଖୋଲାରେ ମଳତ୍ୟାଗ କମିବାରେ ଲାଗିଛି ଓ ଝିଅ ଆଗଭଳି ଆଣିବାକୁ ସମୟ ବିଅତୁ ନଥିବାରୁ ପାଠ ପଢିବାକୁ ନିୟମିତ ସ୍କୁଲକୁ ଯାଉଛନ୍ତି । ଏହି ପାଣି ଟାଙ୍କିର ରକ୍ଷଣ ବେକ୍ଷଣ ପାଇଁ ଏକ ବ୍ୟବହାରିକ ଦଳ ଗଠନ କରାଯାଇଛି । ଏହି ଦଳର ଗ୍ରୁପ ଲିଡର କରାଯାଇଅଛି ଓ ପ୍ରତ୍ୟେକ ପରିବାରର ସକ୍ଷମ ଅନୁସାରେ ମାସକୁ କିଛି ସଭ୍ୟଚାନ୍ଦା ଆଦାୟ ବ୍ୟବହାରିକ ଦଳର ଯୁଗ୍ମଜମା ଖାତାରେ ଅର୍ଥ ଜମା କରୁଛନ୍ତି ।



ଭାଗ ୨/୨

# ଜୀବନ ଜୀବିକା ଓ ନାରୀ ସଶକ୍ତିକରଣରେ ଏକ ପାଦ ଆଗରେ : ରୁଙ୍ଗୁ ରୁଙ୍ଗୁବା



ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ,ପୁଟାସିଁ ଅନ୍ତର୍ଗତ ଶଗଡା ଗ୍ରାମ ପଞ୍ଚାୟତ ଅଧିନସ୍ଥ ରୁଙ୍ଗୁ ରୁଙ୍ଗୁବା ଗ୍ରାମର ଆଶାମଣି ମହହିଲା ।୨୦୧୩ ମସିହାରେ ଓଡିଶା ଜୀବିକା ମିଶନ ଦ୍ୱାରା ଦଳ ଓ ଅବଡା ଗ୍ରାମ ପଞ୍ଚାୟତର ପାହାଡ ଶିଖରରେ ରହିଥିବା ରେଗେଡା ସିଁ ଗ୍ରାମର ଆଶା କିରଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ ମଧ ସେମାନଙ୍କୁ କିଛି ଆର୍ଥିକ ସହାୟତା କିମ୍ବା କୌଣସି ଚାଷ ଓ ବ୍ୟବସାୟ କରିବା ପାଇଁ କେହି କହି ନଥିଲେ । ସେଥିପାଇଁ ତାଙ୍କର ପୂର୍ବ ଭଳି ଡଙ୍ଗର ଉପରେ ଜୀବିକା ପାଇଁ ପ୍ରତିଦିନ ନିର୍ଭର କରୁଥିଲେ । ବହୁତ ଅସୁବିଧାର ସମ୍ମୁଖୀନ ହେବା ସହିତ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ସାହୁକାର ମାନଙ୍କ ଦ୍ୱାରସ୍ଥ ହେଉଥିଲେ ଏବଂ ସବୁବେଳେ ଋଣଭାରରେ ରହି କିଛି କରି ପାରୁ ନଥିଲେ କି ଦୁନିଆର ଭଲ ମନ୍ଦ କିଛି ଜାଣି ପାରୁନଥିଲେ କି ଭବିଷ୍ୟତର ଉତ୍ତରାଧିକାରୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତତରେ ସାମିଲ କରି ପାରୁ ନଥିଲେ । କିନ୍ତୁ ଲାଞ୍ଜିଆ ସଉରା ଉର୍ଣ୍ଣଯନ ସଂସ୍ଥା ,ପୁଟାସିଁ ଦ୍ୱାରା ଓପିଲିପି ପ୍ରକଳ୍ପ ଆସିବା ପରେ ଗାଁ ଗାଁ ରେ ବୈଠକ କରି ମହିଳା ଓ ପୁରୁଷ ଲୋକଙ୍କୁ ସଚେତନ କରିବା ପରେ PEF ଲୋନ ଉପକାରିତା ଉପରେ ବାରମ୍ବାର ଅବଗତ କରିବା ପରେ ଉଭୟ ଗ୍ରାମର ମହିଳା ଗୋଷ୍ଠୀ ଗ୍ରାମ ଉନ୍ନୟନ ସଂଘଠାରୁ ଆର୍ଥିକ ବର୍ଷ ୨୦୧୯-୨୦ରେ ଆଦିମ ଜନଜାତି ସଶକ୍ତିକାରଣ ପାଣ୍ଠିରୁ ୧୦୦୦୦୦/- (ଏକ ଲକ୍ଷ) ଟଙ୍କାର ଚେକ ଗ୍ରହଣ କରିଥିଲେ ବ୍ୟବସାୟ ଓ ଚାଷ କରିବା ପାଇଁ । ତାପରେ ରୁଙ୍ଗୁରୁଙ୍ଗୁବା ଗ୍ରାମର ଆଶା ମଣି ମହିଳା ସ୍ୱୟଂ ସହାୟକ ଦଳ ୨୦୧୯-୨୦ ଆର୍ଥିକ ବର୍ଷରେ IFAD ପାଣ୍ଠିରୁ ଟ. ୩୦୦୦୦୦/- ଅର୍ଥରେ ଏକ ଘର ସହିତ



ଭାଗ ୧/୨

ଧାନ ଓ ଚୂନା କଳ ଦିଆଯାଇଥିଲା ସେଥିରେ ସେମାନେ ଧାନ ଓ ଚୂନା କଳାକୁ ପରିଚାଳନା କରି ପ୍ରତି ମାସରେ ୫୦,୦୦୦/- ଟଙ୍କା ରୋଜଗାର କରିବା ସହିତ ଜଣେ କଳକୁ  ପରିଚାଳନ କରିବା ପାଇଁ ନବୀନ ଶବର ନାମକ ସେହି ଗ୍ରାମର ବ୍ୟକ୍ତିକୁ ଦାୟିତ୍ୱ ଦେଇ ଅଛନ୍ତି ।

ସେହିଭଳି ସେମାନଙ୍କର କାର୍ଯ୍ୟଶୈଳୀ ଓ ଆଗ୍ରହ ଦେଖି ଓପିଲିପି IFARD ପାଣ୍ଠିରୁ ଅବଡା ଗ୍ରାମ ପଞ୍ଚାୟତର ପାହାଡ ଶିଖରରେ ରହିଥିବା ରେଗେଡା ସିଁ ଗ୍ରାମର ଆଶା କିରଣ ମହିଳା ସ୍ୱୟଂ ଦଳକୁ ଛେଳି ପାଳନ କରିବାକୁ ୧୫୦୦୦୦/-(ଦେଢ ଲକ୍ଷ ଟଙ୍କା ) ଦିଆ ଯାଇଥିଲା ।  ସେମାନଙ୍କୁ ତାପରେ ଛେଳି ପାଳନ ଉପରେ ତାଲିମ ଦିଆ ଯିବା ପରେ ସେମାନେ ସେହି ଅର୍ଥ ଓ ତାଙ୍କର ଗୋଷ୍ଠୀର କିଛି ଅର୍ଥ ବିନିଯୋଗ କରିବା ସହିତ ସମସ୍ତ ମହିଳା ଦଳ ଶ୍ରମଦାନ କରି ଏକ ଛେଳି ଗୁହାଳ ଘର କରି ୨୦ ଗୋଟି ମାଈ ଛେଳି ଓ ୪ଗୋଟି ବୋଦା ଆଣି ପାଳନ କରିଥିଲେ ।  ସେଥିରୁ ସେହି ମହିଳା ମାନେ ବର୍ତ୍ତମାନ ୪୦୦୦୦୦ ଟଙ୍କା  ଲାଭ ପାଇବା ସହିତ ଏବେ ୧୨୧ ଗୋଟି ଛେଳି ଛୁଆ ଓ ମା ରହି ଅଛନ୍ତି ଯାହାକି ଛେଳି ପାଳନ ପାଇଁ ସେମାନେ ଏକ ବିରଳ ଉଦାହରଣ ନିଜ ଅଞ୍ଚଳରେ ପାଲଟି ଯାଇଛନ୍ତି ।ଏଥିପାଇଁ ମହିଳା ମାନେ କହିଛନ୍ତି ଆମେ ନିଜକୁ ସ୍ୱବଲମ୍ୱି କରିପାରୁଛନ୍ତି ବୋଲି କହୁଛନ୍ତି ।  ଆମେଆଉ ପରିବାରର କାହା ଉପରେ ବୋଝ ହୋଇ ରହିବା ପାଇଁ ଚାହୁଁ ନାହୁଁ ।  ସେମାନେ ପ୍ରମାଣ କରି ଅଛନ୍ତି ଯେ ନାରୀ ଓ ମହିଳା ମାନେ ଆଉ କୌଣସି କ୍ଷେତ୍ରରେ କମ ନୁହନ୍ତି ।  ନାରୀମାନେ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିଲେଣି ।  ଏଇଟା କହି ରଖୁଛି ଯେ ନାରୀ ଆଗେଇଲେ ସମାଜ ଆଗେଇବ ।



ଭାଗ ୨/୨

# ଆମ ସଫଳତା ର କାହାଣୀ- ଛେଳି ପାଳନ



ଜାଲିସୁଆଁ ଗ୍ରାମ କାଳିଆପାଳ ଗ୍ରାମପଞ୍ଚାୟତ , ବାରକୋଟ ବ୍ଲକ ତଥା ଦେବଗଡ ଜିଲ୍ଲା ଅଧିନସ୍ଥ ଏକ ପାଉଡିଭୂୟାଁ ଆଦିମ ଜନଜାତି ଅଧ୍ୟୁଷିତ ଗ୍ରାମ । ଏହି ଗ୍ରାମର ମୋଟ ୩୨୨ ପରିବାର ମଧ୍ଯରୁ ୪୭ ଟି ପାଉଡିଭୂୟାଁ ପରିବାର । ଗ୍ରାମଟି ଜିଲ୍ଲା ସଦର ମହକୁମା ଠାରୁ ୪୫ କି.ମି. ତଥା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୫ କି.ମି ଦୂରରେ ଅବସ୍ଥିତ ।

ସମୟ ଥିଲା ଏହି ଆଦିମ ଜନଜାତି ଅଧିବାସୀ ମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲି ହୋଇ ପାରୁ ନଥିଲେ । ଶିକ୍ଷା , ସ୍ୱାସ୍ଥ୍ୟ , ପାନୀୟ ଜଳ , ଗମନା ଗମନ ଠାରୁ ବହୁ ଦୂରରେ ଅନ୍ଧ ବିଶ୍ୱାସର କଳା ପାହାଡ ମଧ୍ଯରେ ନିଜକୁ ଉତ୍ସର୍ଗ କରି ଜଙ୍ଗଲ ତଥା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ସମୟକ୍ରମେ ଏହି ଆଦିମ ଅଧିବାସୀମାନଙ୍କ ସାମାଜିକ ତଥା ଆର୍ଥିକ ଦୁରବସ୍ଥା ଦୂରୀକରଣ ତଥା ସାମଗ୍ରିକ ବିକାଶ, ଜୀବନ ଜୀବିକାରଉନ୍ନତି ଓ ସଶକ୍ତିକରଣ ପାଇଁ ଓପିଲିପି ପ୍ରକଳ୍ପ ମାଧ୍ୟମରେ ପ୍ରାଧାନ୍ୟ ଦିଆଗଲା । ଓପିଲିପ ପ୍ରକଳ୍ପର କର୍ମକର୍ତ୍ତା ମାନେ ଏହି ଜାଲିସୁଆ ଗ୍ରାମର ଆଦିମ ଅଧିବାସୀ ମାନଙ୍କ ସହିତ ଆଲୋଚନା କଲେ | ଏଥିରୁ ଜଣାଗଲା କି ଏହି ଅଧିବାସୀର ମହିଳାମାନେ ଛେଳି ଚାଷ ନିମନ୍ତେ ଆଗ୍ରହୀ ଅଟନ୍ତି । ପ୍ରାକୃତିକ ପରିବେଶକୁ ଅନୁଧ୍ୟାନ ତଥା ସ୍ଥାନୀୟ ପାଉଡିଭୂୟାଁ ଜନଜାତିର ମହିଳା ମାନଙ୍କ ଛେଳିପାଳନ ପ୍ରତି ଆଗ୍ରହକୁ ପରିଲକ୍ଷିତ କରି ଓପିଲିପ ପ୍ରକଳ୍ପ ତରଫରୁ ୩ ଗୋଟି ପାଉଡିଭୂୟାଁ ଜନଜାତିର ସ୍ୱୟଂ ସହାୟକ ଗୋଷ୍ଠୀ ଯଥା ଶ୍ରୀ ଗଣେଶ , ମା ଲକ୍ଷ୍ମୀ ଓ ମା ତାରିଣୀ ଆଦିଙ୍କୁ ଛେଳି ପାଳନ ନିମନ୍ତେ ଆର୍ଥିକ ବର୍ଷ ୨୦୧୮-୧୯ ରେ ଓପିଲିପ ତରଫରୁ ୩୦,୦୦୦ ଟଙ୍କା ଛେଳି ଗୃହ ନିର୍ମାଣ ଓ ୭୦,୦୦୦ ଟଙ୍କା ଛେଳି କ୍ରୟ ପାଇଁ ଏହିଭଳି ମୋଟ 3 ଲକ୍ଷ ଟଙ୍କାର ଅନୁଦାନ ରାଶି ସମ୍ପୃକ୍ତ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀର ସଞ୍ଚୟ ଖାତାରେ ପ୍ରଦାନ କରାଗଲା । ଏହି ପ୍ରାପ୍ତି ଅର୍ଥ ରାଶିରେ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ୫୦ ଟି ମାଈ ଛେଳି ଓ ଦୁଇଟି ବୋଦା କ୍ରୟ ସହିତ ଛେଳିଙ୍କ ପାଇଁ ଆବଶ୍ୟକ ଔଷଧ ଆଦି ବୀମା ସୁବିଧା ଯୋଗାଇ ଦିଆଗଲା । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯଥା ପାଳି କରି ଛେଳି ଚରାଇବା , ଜଗିବା , ଋତୁ ଭିତ୍ତିକ ରୋଗରୁ ରକ୍ଷା ପାଇବା ନିମିତ୍ତ ସମୟ ପୂର୍ବରୁ ଟିକାକରଣ କରାଇବା ଆଦି କାର୍ଯ୍ୟକ୍ରମ କରି ଆସୁଛନ୍ତି । ଏହି ୪ ବର୍ଷ ମଧ୍ଯରେ ୨ ଲକ୍ଷ ଟଙ୍କା ଉପାର୍ଜନ କରିବା ସହିତ , ବର୍ତ୍ତମାନ ଥିବା ଛେଳିର ବଜାର ମୂଲ୍ୟ ୩ ଲକ୍ଷ ପର୍ଯ୍ୟନ୍ତ ହେବ ବୋଲି ଅନୁମାନ

ଭାଗ ୧/୨

କରାଯାଉ ଅଛି । ବିଶେଷ ଗୁରୁତ୍ୱ ପୂର୍ଣ୍ଣ ବିଷୟ କି ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଛେଳି ପାଳନର ସଫଳତା ଓ ପାରଦର୍ଶିତା ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଆଦର୍ଶ । ଏବେ ଏହି ଗ୍ରୁପ ଏକ ଦୃଷ୍ଟାନ୍ତ ସହାୟକ ଗୋଷ୍ଠୀ ଭାବେ ବିବେଚିତ ହୋଇଛି । ଏହି ଛେଳି ପାଳନ ପରିଦର୍ଶନ କରିବା ନିମନ୍ତେ ନିକଟସ୍ଥ ବ୍ଲକ ତଥା ପଡୋଶୀ ଜିଲ୍ଲାର ଅନ୍ୟାନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ବିଭିନ୍ନ ବିଭାଗ ତରଫରୁ ଅଣାଯାଉଅଛି । ଏକ ଆଦିମ ଅଧିବାସୀ ମହିଳା ମାନଙ୍କର ଏପରି ପ୍ରଚେଷ୍ଟା ଯାହା ସାଧାରଣ ଜନତାଙ୍କ ଦ୍ୱାରା ପ୍ରଶଂସିତ ।





ଭାଗ ୨ /୨

# ରୋଜଗାରର ଏକ ନୂତନ ଦିଗନ୍ତ - ମନରେଗା ଓ ଅର୍ଥକାରୀ ଫସଲ



ନଗରିଆ ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଅଟେ। ଏହା ସୁନ୍ଦରଗଡ ଜିଲ୍ଲା, ଫୁଲଝର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଟେ। ଏଠାରେ ୧୧୪ ପରିବାର ବସବାସ କରନ୍ତି, ଯେଉଁଥିରେ ପାଉଡିଭୂୟାଁ,ମୁଣ୍ଡା,ମୁଣ୍ଡାରୀ ଗଉଡ ଆଦି ଜାତିର ପରିବାର ମାନେ ବସବାସ କରିଥାଆନ୍ତି। ଏମାନେ ମୁଖ୍ୟତଃ ପାହାଡ ଓ ଜଙ୍ଗଲ ଉପରେ ନିର୍ଭର କରିଥାଆନ୍ତି। ସେମାନଙ୍କର ଜୀବନ ଜୀବିକା ନିର୍ବାହ କରିବା ନିମନ୍ତେ ସେମାନେ ପାରମ୍ପାରିକ ଚଳଣିରେ ବିରି, ଗଙ୍ଗେଇ, ଧାନ ଓ ମକା ଚାଷ କରିଥାଆନ୍ତି। ଏଥିରେ କୌଣସି ପ୍ରକାରରେ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ।

ମାତ୍ର ଓପିଲିପି ପ୍ରକଳ୍ପ ଦ୍ଵାରା ଏହି ଗ୍ରାମର ସମସ୍ତ ପରିବାରକୁ ନେଇ କିପରି ଆଧୁନିକ ପ୍ରଣାଳୀରେ ଚାଷ କରି ଲାଭବାନ ହୋଇପାରିବ, ସେହି ଉପରେ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା।ଚଳିତ ବର୍ଷ ମନୋରଗା କାର୍ଯ୍ୟକ୍ରମ ଅଧୀନରେ ନାଗରିଆ ଗ୍ରାମର ୪ଟି ପରିବାର ଏକାଠି ହୋଇ ୪ ହେକ୍ଟର ଜମିରେ ୪୦୦ ଆମ୍ବ ଗଛ ଚାରାରୋପଣ କରିଛନ୍ତି।ଏଥିରେ ସେମାନେ ୬୨,୬୦୪/- ଟଙ୍କା ପାରିଶ୍ରମିକ ବାବଦରେ ପାଇପାରିଛନ୍ତି।ଚାରାରୋପଣରେ ୧,୬୯,୦୦୦/- ଟଙ୍କାର ଆମ୍ବଗଛ, ଜୈବିକ ସାର ଓ ବାଡ ବାବଦରେ ଖର୍ଚ୍ଚ କରାଯାଇଅଛି । ତତ୍ ସହିତ ୨୦୧୯-୨୦ ମସିହାରେ ୩ ଜଣ ଚାଷୀଙ୍କୁ ନେଇ ନୂତନ ଭାବରେ ଏହି ଅଞ୍ଚଳରେ ସପୁରୀ ଚାଷ





କରାଯାଇଥିଲା । ବିଗତ ୨ ଟି ଋତୁରେ ୧,୦୦,୦୦୦/- (ଏକଲକ୍ଷ ) ଟଙ୍କା ଚାଷୀମାନେ ରୋଜଗାର କରିପାରିଛନ୍ତି ।

ସେହିପରି୨୦୧୯-୨୦ ମସିହାରେ ୪ ଜଣ ଚାଷୀଙ୍କୁ ନେଇ କଦଳୀ ଚାଷ ମଧ୍ୟ ଆରମ୍ଭ କରାଯାଇଥିଲା ।ଏଥିରେ ମଧ୍ୟ ସେମାନେ ବେଶ୍ ଭବାନ୍ହୋଇ ପାରିଛନ୍ତି । ଉପରୋକ୍ତ ୨ ଅର୍ଥକାରୀ ଫସଲ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟଗାଁ ତରଫରୁ ଏହି ଗ୍ରାମରେ ସଫଳତାର ସହିତ କରାଯାଇଅଛି । ଚାଷ ନିମନ୍ତେ ଓପିଲିପି ପ୍ରକଳ୍ପ ଦ୍ବାରା ସେମାନଙ୍କୁ ଚାରା ଓ ଖତସାର ଉପରୋକ୍ତ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଅଛି ।

# ଆଦିମ ଅଞ୍ଚଳରେ ପରିବାର ପ୍ରତିପୋଷଣର ଏକ ମାଧ୍ୟମ – ବହି ଦୋକାନ



ଓରିଙ୍ଗିଗୋଟିଏ ଦିଦାୟୀ ସଂପ୍ରଦାୟ ବସ କରୁଥିବା ଏକ ଗ୍ରାମ । ଏହି ଗ୍ରାମ ଖଇରପୁଟ ବ୍ଲକ ର ରାସବେଡା ପଞ୍ଚାଯତ ରେ ଅନ୍ତର୍ଭୁକ୍ତ । ଏହି ଗ୍ରାମର ମୋଟ ଘର ସଂଖ୍ୟା 184 ସେଥିମଧ୍ୟରୁ 147 ଘର ହେଉଛି ଆଦିମ ଜନଜାତିଙ୍କ ର

ଏହି ଗ୍ରାମରେ ବସବାସ କରୁଥିବା ଶ୍ରୀଶୁକ୍ରପାଳସୀ ଜଣେ ଅତି ଗରିବ ଶ୍ରେଣୀର। ସେ ବାହାରକୁ ଯାଇ କୁଲି ମଜୁରୀ କାମ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ତାଙ୍କର ଗୋଟେ ପୁଅ ଏବଂ ଗୋଟେ ଝିଅ। ଝିଅ ଜଣକ କଲେଜରେ ପାଠ ପଢେ। ଏଥି ପାଇଁ ତାଙ୍କର ମାସିକ ରୋଜଗାର କରୁଥିବା ଟଙ୍କାରେ ଘର ଚାଲିବା କଷ୍ଟହୁଏ। ନିଜର ଏହି ଅସୁବିଧାରେ ସହାୟତା ପାଇଁ ସେ ନିଜ ଗ୍ରାମର ଓପିଲିପି ଗ୍ରାମ୍ୟ କମିଟିକୁ ଦରଖାସ୍ତ ଦେଇଥିଲେ । ଏହି ପ୍ରସ୍ତାବକୁ ବିଚାର କରି ଗ୍ରାମ୍ୟ କମିଟି ତାଙ୍କର ଏକ ରୋଜଗାର ଭିତ୍ତିକ କାର୍ଯ୍ୟ କରିବା ପାଇଁ 30,000 ଟଙ୍କାର ଅନୁଦାନ ରାଶି ଯୋଗାଇ ଦେଲେ । ଏହି ଅର୍ଥରେ ସେ ଏକ ବହି ଦୋକାନ ଆରମ୍ଭ କଲେ । ଏଥିରେ ସେ ବିଭିନ୍ନ ପ୍ରକାର ସ୍କୁଲ, କଲେଜ ବହି ସହିତ ବିଭିନ୍ନ ପ୍ରକାରର ଶିକ୍ଷା ଉପକରଣ ରଖି ବିକ୍ରୟ କରିବା ଆରମ୍ଭ କଲେ । ଏଥିପାଇଁ ତାଙ୍କୁ ବିଭିନ୍ନ ସ୍ଥାନରୁ ପାଠ୍ୟ ଉପକରଣ, ଖାତା ଓ ବହିପତ୍ର ସଂଗ୍ରହ କରିବାକୁ ପଡିଥିଲା । ପ୍ରଥମେ ପ୍ରଥମେ ତାଙ୍କୁ ବହୁତ କଷ୍ଟ କରିବାକୁ ପଡୁଥିଲା । ସମୟ କ୍ରମେ ଲୋକ ଲୋଚନରେ ତାଙ୍କ ବହି ଦୋକାନ ଆସିଲା । ଧିରେ ଧିରେ ବହିପତ୍ର ଓ ପାଠ୍ୟ ଉପକରଣ ସବୁର ବିକ୍ରିବଟା ବଢିବାକୁ ଲାଗିଲା । ଏବେ ସେ ଏହି ଦୋକାନରୁ ମାସକୁ 4000 ଟଙ୍କାରୁ 5000 ଟଙ୍କା ରୋଜଗାର କରିବାକୁ ସକ୍ଷମ ହେଲେଣି । ଏଥିରେ ପରିବାର ଚଳଣିରେ ଭଲ ପରିବର୍ତ୍ତନ ଆସିଲାଣି । ଏଥିପାଇଁ ସେ ଓପିଲିପି ପ୍ରୋଗ୍ରାମ ପ୍ରତି ନିଜର କୃତଜ୍ଞତା ଜଣାଇଛନ୍ତି ।



# ଏକ ସଫଳ ଚାଷୀ - ବିରାମ ସୋରେନ



ମୟୁରଭଞ୍ଜ ଜିଲ୍ଲା ଗଡିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫୁଲବାଡିଆ ଗ୍ରାମରେ ଶ୍ରୀ ବିରାମ ସୋରେନ ବାସ କରନ୍ତି। ସେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ମଧ୍ୟ ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ସଠିକ ଭାବରେ ଚାଷ କରିପାରି ନ ଥିଲେ । ତେଣୁ ତାଙ୍କର ଏହି ଇଚ୍ଛା ଶକ୍ତିକୁ ପୂରଣ କରିବା ପାଇଁ ଲୋଧା ଉନ୍ନୟନ ସଂସ୍ଥା ଓ.ପି.ଲି.ପି ତରଫରୁ ତାଙ୍କ ପରିବାରଙ୍କୁ ସାଧାରଣ ଖରିଫ ଚାଷ ପାଇଁ ୨ ଏକର ଜମିରେ ପନିପରିବା ଚାଷ ପାଇଁ ବିଭିନ୍ନ ପ୍ରକାର ଚାରା ବା ମଞ୍ଜି ଯୋଗାଇ ଦିଆ ଯାଇଥିଲା । ତାହା ସହିତ ଶ୍ରୀ ବିରାମ ସୋରେନଙ୍କୁ କିପରି ଉନ୍ନତ ଧରଣର ଚାଷକାର୍ଯ୍ୟ କରିପାରିବେ ଓ ସଫଳତା ପାଇପାରିବେ ତାଙ୍କୁ ଓ.ପି.ଲି.ପି ର କୃଷି ଅଧିକାରୀ ତଥା ଏମ ପି ଏ ଏବଂ ବେସରକାରୀ ସଂସ୍ଥା ସ୍ୱାର ତରଫରୁ କ୍ଷେତ୍ର ତାଲିମ ଯୋଗାଇ ଦିଆ ଯାଇଥିଲା । ସେ ୨୦୨୦-୨୧ ଆର୍ଥିକ ବର୍ଷରେ ସେ ମନରେଗା ଯୋଜନାରେ ୧୦ ହେକ୍ଟର ଜମିରେ କାଜୁ ଚାଷ କରିଅଛନ୍ତି । ଏହା ସହିତ ଓ.ପି.ଲି.ପି କାର୍ଯ୍ୟକ୍ରମ ଅନୁଯାୟୀ ଖରିଫରେ କୃଷି ବାବଦକୁ , ଅଦା, କଲରା, କାକୁଡି, ଭେଣ୍ଡି, ଖମ୍ବଆଳୁ, ଝୁଡଙ୍ଗ, ଜହ୍ନି ଆଦି ପନିପରିବା ମଧ୍ୟ ଚାଷ ମଧ୍ୟ କରୁଛନ୍ତି ।

ପୂର୍ବରୁ ସେ ଏହି ଚାଷ ନିମନ୍ତେ ସଂପୂର୍ଣ୍ଣ ବର୍ଷା ଜଳ ଉପରେ ନିର୍ଭର କରି ଚଳୁଥିଲେ , କିନ୍ତୁ ଆଜିର ଏହି କୋଭିଡ-୧୯ ଚାଲୁଥିବା ସମୟରେ ସେ ମଧ୍ୟ କେନାଲ, ନଳକୂପ ଏବଂ ପାଣି ପମ୍ପ ମାଧ୍ୟମରେ ଜଳ ବ୍ୟବହାର କରି ଏବଂ ଉନ୍ନତ ମାନର ସାର, ବିହନ ବ୍ୟବାହାର କରି ପନି ପରିବା ଚାଷ କରି ଭଲ ଅର୍ଥ ରୋଜଗାର ସହିତ ଲାଭବାନ ହୋଇ ପାରୁଛନ୍ତି । ଏବଂ ପରିବାର ପ୍ରତିପୋଷଣ ସୂଚାରୁ ରୂପେ କରୁଛନ୍ତି ।





# କାର୍ଯ୍ୟକ୍ରମ ପରିଚାଳନା କେନ୍ଦ୍ର


ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର

ଦ୍ୱିତୀୟ ମହଲା, ଆଦିବାସୀ ବିକାଶ ସମବାୟ ନିଗମ, ଭୋଇ ନଗର, ଭୁବନେଶ୍ୱର-751022, ଓଡ଼ିଶା

ଦୂରଭାଷା – 0674- 2542709 ,ଇ-ମେଲ – support@opelip.org


OPELIP

# ଜଣେ ସଫଳ କିରାଣା ଦୋକାନୀ –ଯମୁନା ମାଝୀ



ଚିରଶ ବୁଜିମା ଓ ପ୍ରାକୃତିକ ସୌନ୍ଦର୍ଯ୍ୟଭରା କନ୍ଧମାଳ ଜିଲ୍ଲା । ଏହି ଜିଲ୍ଲାର ବେଲଘରକୁ ପ୍ରକୃତିରାଣୀର ଗନ୍ତାଘର ଭାବରେ ଜିଲ୍ଲାରେ ବିବେଚନା କରାଯାଏ । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମା ଭରା ବନାନୀ ଝରଣାର କୁଳୁକୁଳୁ ଶବ୍ଦ ବନ୍ୟ ଜନ୍ତୁଙ୍କର ଅବାଧ ବିଚରଣ ଉଡଣନ୍ତା ପକ୍ଷୀ ମାନଙ୍କର ସୁଲଳିତ ସ୍ୱର ଏବଂ ପ୍ରକୃତିକ ଦୃଶ୍ୟ ମଧ୍ୟରେ ସହରର କୋଳାହଳଠାରୁ ଦୂରରେ ଶାନ୍ତ ଶୀତଳ ପରିବେଶ ମଧ୍ୟରେ ବସବାସ କରନ୍ତି କୁଟିଆ କନ୍ଧ ସମ୍ପ୍ରଦାୟର ଆଦିମ ଜନଜାତି । ଏମାନେ ନିଜକୁ ସୃଷ୍ଟିର ଆଦ୍ୟ ସନ୍ତାନ ବୋଲି ଦାବି କରିଥାନ୍ତି । ଉଭୟ ସୂର୍ଯ୍ୟ ଏବଂ ସମାଜର ଆଲୋକ ପାଉନଥିବା ଏହି ପ୍ରକୃତିର ସନ୍ତାନମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ପଞ୍ଚାୟତ ଅଧିନସ୍ଥ କାଡାପାନା ଗ୍ରାମରେ ଓପିଲିପ ସହାୟତାରେ ତଥା ଭାରତ ସରକାରଙ୍କ ପାଣ୍ଠି ଅନୁଦାନରେ ଓପିଲିପି କାର୍ଯ୍ୟକ୍ରମ ଚାଲୁ ରହିଆସୁଅଛି ।

ଏହି କାଡାପାନା ଗ୍ରାମରେ କେବଳ କୁଟିଆକନ୍ଧ ସଂପ୍ରଦାୟର ଲୋକମାନେ ବସବାସ କରନ୍ତି । ଏହି ଗ୍ରାମରେ ମୋଟ ୭୪ ଘର କୁଟିଆକନ୍ଧ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ କି ଜଙ୍ଗଲଜାତ ଦ୍ରବ୍ୟ ସହିତ ଅନ୍ୟାନ୍ୟ ଚାଷ ଉତ୍ପାଦିତ ଜିନିଷ ଉପରେ ଭରସା କରିକି ଜୀବନ ଅତିବାହିତ କରନ୍ତି । ଉକ୍ତ ଗ୍ରାମରେ ଯମୁନା ମାଝୀ ଜଣେ ଗରୀବ ଯୁବକ ଅଟନ୍ତି । ସେ ଗ୍ରାମରେ ଓପିଲିପି ଯୋଜନା ପୂର୍ବରୁ ରାଜ୍ୟାନ୍ତର ହୋଇ କେରଳରେ ରୋଜଗାର ପାଇଁ ଚାଲିଯାଇଥିଲେ । କିନ୍ତୁ ଯୋଜନା ଆସିବା ପରେ ଗ୍ରାମ୍ୟ ଉନ୍ନୟନ କମିଟି ମାଧ୍ୟମରେ ୨୦୨୦-୨୧ ମସିହାରେ ତାଙ୍କୁ ୧୮,୦୦୦ ଟଙ୍କା କିରାନା ଦୋକାନ କରିବା ପାଇଁ ସହଯୋଗ କରାଯାଇଥିଲା । ଅନ୍ୟ ରାଜ୍ୟକୁ ଦାଦନ ନଯାଇ ଉକ୍ତ ଟଙ୍କାରେ କିରାନା ଦୋକାନ କରି ଚଳିବା ପାଇଁ ଓପିଲିପି ଯୋଜନାର କର୍ମକର୍ତ୍ତା, ସାମାଜିକ କର୍ମୀ ଏବଂ ରୁରାଲ ଫାଇନାନ୍ସ ଅଫିସର ବୁଝାଇଥିଲେ ।

ଏହାପରେ ୧୮,୦୦୦ ଟଙ୍କାରେ କିରାନା ଦୋକାନ ଆରମ୍ଭ କରିଥିଲେ ଏବଂ ଦିନକୁ ୧୫୦ ଟଙ୍କାରୁ ୨୦୦ ଟଙ୍କା ରୋଜଗାର କରିଆସୁଥିଲେ । ବର୍ତ୍ତମାନ ଉକ୍ତ ଦୋକାନର ଲାଭ ପଇସାରେ ଏକ ଫ୍ରିଜ୍‌କିଣି ଥଣ୍ଡା ପାନୀୟ ରଖୁଛନ୍ତି । ବର୍ତ୍ତମାନ 200 ଟଙ୍କାରୁ ୨୫୦ ଟଙ୍କା ଦୈନିକ ରୋଜଗାର ହୋଇ ଆସୁଅଛି ଏବଂ ସେ ଦାଦନ ଯିବାରୁ ମୁକ୍ତି ପାଇଛନ୍ତି ।

